राष्ट्रीय वित्तीय शिक्षा केन्द्र

National Centre for Financial Education

एक आर्थिक रुप से जागरुक और सशक्त भारत

A financially aware and empowered India

Promoted By :-

# ବିତ୍ତୀୟ ଶିକ୍ଷା ସାରାଂଶ ସମ୍ବଳିତ ପୁସ୍ତିକା



**ମୁଦ୍ରଣକାରୀ:**
ନ୍ୟାସନାଲ୍ ସେଣ୍ଟର୍ ଫର୍ ଫାଇନାନ୍ସିଆଲ୍ ଏଜୁକେସନ୍ (ଏନ.ସି.ଏଫ.ଇ)
ଦ୍ୱିତୀୟ ସଂସ୍କରଣ, 2021

**ଅସ୍ୱୀକରଣ:**
ଏହି ପୁସ୍ତିକା ପାଠକଙ୍କୁ ବିତ୍ତୀୟ ଭାବରେ ଶିକ୍ଷିତ କରିବା ପାଇଁ ଏକ ନିଷ୍ଠାପର ଲକ୍ଷ୍ୟ ସହିତ ଏକ ପଠନ ଏବଂ ଶିକ୍ଷଣ ସାମଗ୍ରୀ ଭାବରେ ଉପସ୍ଥାପନ କରାଯାଇଛି । ଏହା କୌଣସି ନିର୍ଦ୍ଦିଷ୍ଟ ଆର୍ଥିକ ଉତ୍ପାଦ କିମ୍ବା ସେବା ସମ୍ପର୍କରେ ଏକ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ପାଠକଙ୍କୁ ଅନୁପଯୁକ୍ତ ଭାବରେ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ପାଠକମାନେ କୌଣସି ନିବେଶ କରିବା ପୂର୍ବରୁ ସେମାନଙ୍କର ବିତ୍ତୀୟ ପରାମର୍ଶଦାତାଙ୍କର ପରାମର୍ଶ ନେବାକୁ ଉପଦେଶ ଦିଆଯାଏ ।

**ସ୍ୱତ୍ତାଧିକାର: ପୁନଃ ପ୍ରସ୍ତୁତିକୁ ଅନୁମତି ଦିଆଯାଏ ଯଦି ଉତ୍ସକୁ ସ୍ୱୀକୃତି ପ୍ରଦାନ କରାଯାଏ ।**

**ଏନ୍.ସି.ଏଫ୍.ଇ  - (ନେସନାଲ ସେଣ୍ଟର ଫର ଫାଇନେନ୍ସିଆଲ ଏଜୁକେସନ) ସମ୍ପର୍କରେ......**

ଜାତୀୟ ବିତ୍ତୀୟ ଶିକ୍ଷାକେନ୍ଦ୍ର (ଏନ୍.ସି.ଏଫ୍.ଇ) ହେଉଛି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍.ବି.ଆଇ), ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ (ସେବି), ଇନ୍ସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ୍ ଡେଭଲପମେଣ୍ଟ ଅଥୋରିଟି ଅଫ୍ ଇଣ୍ଡିଆ (ଆଇ.ଆର୍.ଡି.ଏ.ଆଇ) ଏବଂ ପେନ୍ସନ୍ ଫଣ୍ଡ୍ ରେଗୁଲେଟୋରି ଆଣ୍ଡ୍ ଡେଭଲପମେଣ୍ଟ ଅଥୋରିଟି (ପି.ଏଫ୍.ଆର୍.ଡି.ଏ) ଦ୍ଵାରା ପ୍ରୋତ୍ସାହିତ ବିଭାଗ ୮ (ଲାଭ ପାଇଁ ନୁହେଁ) କମ୍ପାନୀ ।

**ଦୃଷ୍ଟିକୋଣ –** "ଏକ ବିତ୍ତୀୟ ଭାବରେ ସଚେତନ ଏବଂ ସଶକ୍ତ ଭାରତ"

**ଉଦ୍ଦେଶ୍ୟ –** ଉପଭୋକ୍ତା ସୁରକ୍ଷା ଏବଂ ଅଭିଯୋଗ ପ୍ରଶମନ ନିମନ୍ତେ ନିରପେକ୍ଷ ଏବଂ ପାରଦର୍ଶୀ ବ୍ୟବସ୍ଥା ବିଶିଷ୍ଟ ନିୟନ୍ତ୍ରିତ ଅନୁଷ୍ଠାନଗୁଡ଼ିକ ଜରିଆରେ ଉପଯୁକ୍ତ ବିତ୍ତୀୟ ଉତ୍ପାଦ ଏବଂ ସେବାଗୁଡ଼ିକ ନିକଟରେ ପହଞ୍ଚିବା ଦ୍ଵାରା ବିତ୍ତୀୟ ସୁସ୍ଥତା ହାସଲ କରିବା ପାଇଁ ଅର୍ଥକୁ ଅଧିକ ଫଳପ୍ରଦ ଭାବରେ ପରିଚାଳନା କରିବାରେ ଲୋକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ବ୍ୟାପକ ବିତ୍ତୀୟ ଶିକ୍ଷା ଅଭିଯାନ ଗ୍ରହଣ କରିବା ।

**ଭାରତୀୟ ବିତ୍ତୀୟ କ୍ଷେତ୍ର ନିୟାମକଗୁଡ଼ିକ:**

**ଆର୍.ବି.ଆଇ:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍.ବି.ଆଇ) ହେଉଛି ଭାରତର କେନ୍ଦ୍ରୀୟ ବ୍ୟାଙ୍କ, ଯାହା ଭାରତର ଆର୍ଥିକ ନୀତି ପରିଚାଳନା କରେ ଏବଂ ଭାରତରେ ବ୍ୟାଙ୍କିଂ ଏବଂ ଅଣବ୍ୟାଙ୍କିଂ ବିତ୍ତୀୟ କ୍ଷେତ୍ରକୁ ନିୟନ୍ତ୍ରିତ କରେ ।
ୱେବ୍‌ସାଇଟ୍: https://www.rbi.org.in

**ସେବି:** ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ହେଉଛି ଭାରତରେ ସିକ୍ୟୁରିଟିଜ୍ ବଜାରର ନିୟନ୍ତ୍ରକ ଏବଂ ଏହାକୁ ସିକ୍ୟୁରିଟିଜ୍‌ରେ ନିବେଶକମାନଙ୍କ ସ୍ଵାର୍ଥକୁ ସୁରକ୍ଷା ଦେବା, ସିକ୍ୟୁରିଟି ବଜାରର ଉନ୍ନୟନକୁ ପ୍ରୋତ୍ସାହିତ ଓ ନିୟନ୍ତ୍ରିତ କରିବାର ଦାୟିତ୍ଵ ପ୍ରଦାନ କରାଯାଇଛି ।
ୱେବ୍‌ସାଇଟ୍: https://www.sebi.gov.in

**ଆଇ.ଆର୍.ଡି.ଏ.ଆଇ**: ଦ ଇନ୍ସ୍ୟୁରାନ୍ସ ରେଗୁଲେଟୋରୀ ଆଣ୍ଡ୍ ଡେଭଲପମେଣ୍ଟ ଅଥୋରିଟି ଅଫ୍ ଇଣ୍ଡିଆ (ଆଇ.ଆର୍.ଡି.ଏ.ଆଇ) ହେଉଛି ନିୟାମକ କର୍ତ୍ତୃପକ୍ଷ ଯାହାର ଭାରତରେ ବୀମା ଏବଂ ପୁନଃବୀମା ଉଦ୍ୟୋଗର ନିୟନ୍ତ୍ରଣ ଏବଂ ପ୍ରୋତ୍ସାହନର ଦାୟିତ୍ଵ ରହିଛି ।
ୱେବ୍‌ସାଇଟ୍: https://www.irdai.gov.in

**ପି.ଏଫ୍.ଆର୍.ଡି.ଏ:** ଦି ପେନ୍ସନ୍ ଫଣ୍ଡ ରେଗୁଲେଟୋରୀ ଆଣ୍ଡ୍ ଡେଭଲପମେଣ୍ଟ ଅଥୋରିଟି (ପି.ଏଫ୍.ଆର୍.ଡି.ଏ) ହେଉଛି ନିୟନ୍ତ୍ରକ କର୍ତ୍ତୃପକ୍ଷ ଯାହାର ପେନ୍ସନ୍ କ୍ଷେତ୍ର ସ୍ଥାପନ, ଉନ୍ନୟନ ଏବଂ ନିୟନ୍ତ୍ରଣ ଦ୍ଵାରା ବୃଦ୍ଧାବସ୍ଥା ଆୟ ନିରାପତ୍ତାକୁ ପ୍ରୋତ୍ସାହିତ କରିବାର ଦାୟିତ୍ଵ ରହିଛି ।
ୱେବ୍‌ସାଇଟ୍: https://www.pfrda.org.in

# ବିଷୟବସ୍ତୁ ସାରଣୀ


| କ୍ର. ସଂ. | ମଡ୍ୟୁଲ୍ସ | ପୃଷ୍ଠା ସଂ. |
|---|---|---|
| 01 | ମୌଳିକ ଅବଧାରଣା | 05 |
| 02 | ବ୍ୟାଙ୍କିଙ୍ଗ୍ | 08 |
| 03 | ଡିଜିଟାଲ୍ ପେମେଣ୍ଟ୍ସ | 10 |
| 04 | ବୀମା | 12 |
| 05 | ନିବେଶ | 14 |
| 06 | ଅବସର ଏବଂ ପେନସନ | 16 |
| 07 | ଉପଭୋକ୍ତା ସୁରକ୍ଷା ଏବଂ ଅଭିଯୋଗ ପ୍ରଶମନ | 18 |

# ମଡ୍ୟୁଲ୍ 1 ମୌଳିକ ଅବଧାରଣା

## ଆୟ, ବ୍ୟୟ ଏବଂ ବଜେଟ୍ ପ୍ରସ୍ତୁତି

ଆପଣ ବେଳେ ବେଳେ ମାସ ଶେଷରେ ନଗଦ ଅର୍ଥ ନିଅଣ୍ଟରେ ପଡ଼ନ୍ତି? ଆପଣ ପ୍ରକୃତରେ ଚାହୁଁଥିବା ଜିନିଷଗୁଡ଼ିକ ପାଇଁ ସଞ୍ଚୟ କରିବା ନିମନ୍ତେ ସମର୍ଥ ହେବା ମନେହୁଏନି?

ଆପଣ ଆପଣଙ୍କ ଆୟକୁ ବ୍ୟୟ ସହିତ ସନ୍ତୁଳିତ କରିବା ଶିଖିପାରିବେ – ଏବଂ ଏପରିକି ସଞ୍ଚୟ ଓ ଅତିରିକ୍ତ କିଛି ଅର୍ଥ ବଳକା ପାଇବେ । ଆସନ୍ତୁ ଦେଖିବେ କିପରି ଆପଣଙ୍କ ଆୟ ଏବଂ ପାଉଥିବା ଅର୍ଥ ପରିଚାଳନା କରିବାକୁ ହେବ ।

## ପ୍ରାଥମିକତା ସ୍ଥିର କରିବା: ଆବଶ୍ୟକତା ଏବଂ ଚାହିଦା

ଆପଣଙ୍କର ଆବଶ୍ୟକତା ଏବଂ ଆପଣଙ୍କର ଚାହିଦା ମଧ୍ୟରେ ଫରକ ଜାଣିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହା ଆପଣଙ୍କୁ ଆପଣଙ୍କର ପ୍ରାଥମିକତା ସ୍ଥିର କରିବାରେ ସାହାଯ୍ୟ କରିବ ଯେପରିକି କେଉଁଠାରେ ଆପଣଙ୍କ ଅର୍ଥ ବ୍ୟୟ କରିବାକୁ ହେବ ତାହା ଆପଣ ଜାଣିପାରିବେ ।

1. **ଆବଶ୍ୟକତା:** ଏକ ଜରୁରୀ ଆବଶ୍ୟକତା, କିଛି ଯାହା ଦରକାର ଅଛି, କିଛି ଯାହା ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ

2. **ଚାହିଦା:** ଏକ ଆକାଂକ୍ଷା, କିଛି ଯାହା ପାଇଁ ଇଛା କରାଯାଏ, କିଛି ଯାହା ଅଣ-ଜରୁରୀ

ଏସବୁ ସଂଜ୍ଞାକୁ ବ୍ୟବହାର କରି, "ମୋ ମୁଣ୍ଡ ଉପରେ ଏକ ଛାତ" ହେଉଛି ଏକ ଆବଶ୍ୟକତା । ପୋଷାକ, ଖାଦ୍ୟ ଏବଂ ଔଷଧ ହେଉଛି ସେହିପରି । "ଥିଏଟରରେ ଏକ ସିନେମା ଦେଖିବା" ହେଉଛି ଏକ ଚାହିଦା, ଏବଂ ଦାମୀ ଶାଢ଼ୀ, ଗହଣା ଇତ୍ୟାଦି କିଣିବା ହେଉଛି ସେହିପରି ।



## ଆୟ

ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଆମର ଚାକିରି, ବ୍ୟବସାୟ, କୃଷି, ପେନ୍‌ସନ୍ ଇତ୍ୟାଦି ଜରିଆରେ ଆୟର ଏକ ଉତ୍ସ ରହିଛି । ଅନେକ ହୁଏତ ସେମାନଙ୍କ ଦ୍ୱାରା କରାଯାଇଥିବା ନିବେଶରୁ ସୁଧ ଆୟ ଗ୍ରହଣ ପାଇପାରୁଥା'ନ୍ତି ।

ଆୟର ଉତ୍ସ ଯାହାବି ହେଉ, ଆପଣଙ୍କୁ ଏହା ଉପରେ କିପରି ନଜର ରଖିବାକୁ ହେବ ଏବଂ ଆପଣଙ୍କ ବ୍ୟୟ ଓ ଭବିଷ୍ୟତ ପାଇଁ ସଞ୍ଚୟ ପୂରଣ କରିବା ପାଇଁ କିପରି ପରିଚାଳନା କରିବାକୁ ହେବ ଆପଣ ଏହା ଜାଣିବା ଆବଶ୍ୟକ ।

## ବ୍ୟୟ

ବଞ୍ଚିବା ପାଇଁ ଅର୍ଥ ଆବଶ୍ୟକ । ଆପଣଙ୍କୁ ଖାଦ୍ୟ,ପୋଷାକ, ଘର, ପରିବହନ, ଯୋଗାଯୋଗ ଏବଂ ଆହୁରି ଅନେକ ଜରୁରୀ ବ୍ୟୟ ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ହେବ । ଏହା ପରେ ଅବକାଶ, ଚିତ୍ତବିନୋଦନ, ସମ୍ପର୍କୀୟଙ୍କ ପାଇଁ ଉପହାର ଏବଂ ଏହିପରି ଅନେକ ଜିନିଷ ରହିଛି । ଯଦି ଆପଣ ଆପଣଙ୍କ ଲକ୍ଷ୍ୟରେ ପହଞ୍ଚିବାକୁ ଚାହାଁନ୍ତି ତେବେ ଆପଣଙ୍କୁ ଆପଣଙ୍କର ବ୍ୟୟଗୁଡ଼ିକ ସହିତ ଦୁଇଟି ଜିନିଷ ନିଶ୍ଚୟ କରିବାକୁ ହେବ:

1. **ଆପଣଙ୍କ ବ୍ୟୟଗୁଡ଼ିକ କ'ଣ ଜାଣନ୍ତୁ**
2. **ଅଣଜରୁରୀ ବ୍ୟୟଗୁଡ଼ିକୁ ହ୍ରାସ କରନ୍ତୁ ।**

ଆପଣଙ୍କ ବ୍ୟୟଗୁଡ଼ିକୁ ନିୟନ୍ତ୍ରଣ କରିବାର ପ୍ରଥମ ସୋପାନ ହେଉଛି ଆପଣଙ୍କର ଦୈନିକ ବ୍ୟୟ ଉପରେ ନଜର ରଖିବାର ଅଭ୍ୟାସ କରିବା ଯଦ୍ୱାରା ଆପଣ ଜାଣିପାରିବେ ଆପଣ କେତେ ବ୍ୟୟ କରୁଛନ୍ତି ଏବଂ ଆପଣଙ୍କ ବ୍ୟୟଗୁଡ଼ିକର ସବିଶେଷ ବିବରଣୀ କ'ଣ ।

| | |
|---|---|
| ପ୍ରତ୍ୟେକ ରସିଦ୍ ରଖନ୍ତୁ | ପ୍ରତିଦିନ ପ୍ରତ୍ୟେକ ବ୍ୟୟ ଲେଖି ରଖନ୍ତୁ |
| ମାସ ଶେଷରେ ଆପଣଙ୍କ ବ୍ୟୟକୁ ସର୍ବମୋଟ୍ କରନ୍ତୁ | ତିନି ମାସ ପାଇଁ ଏହା କରନ୍ତୁ |

ଆପଣ ଏହା ଜାଣି ଆଶ୍ଚର୍ଯ୍ୟ ହେବେ ଆପଣ କେତେ ବ୍ୟୟ କରନ୍ତି ଏବଂ ଆପଣ କେଉଁଥିରେ ଏହା ବ୍ୟୟ କରନ୍ତି ।



## ବଜେଟ୍ ପ୍ରସ୍ତୁତି

ବର୍ତ୍ତମାନ ଆପଣ ଆପଣଙ୍କ ଆୟ ଏବଂ ବ୍ୟୟ ଜାଣିସାରିଥିବାରୁ ଆପଣ ସେଗୁଡ଼ିକୁ ଏକତ୍ର କରିବା ଆବଶ୍ୟକ କରନ୍ତି ଏବଂ ଏହାକୁ ଏକ ବଜେଟ୍ କୁହାଯାଏ । ଗୋଟିଏ ବଜେଟ୍ ତିଆରି କରିବାରେ କୌଣସି କଷ୍ଟ ନାହିଁ । ଏହା କେବଳ ଆୟ ଏବଂ ବ୍ୟୟ ମଧ୍ୟରେ ଏକ ତୁଳନା ।

ଆପଣଙ୍କ ସମୁଦାୟ ଆୟ ଏବଂ ସମୁଦାୟ ବ୍ୟୟ ମଧ୍ୟରେ ଫରକ୍ ଏକ ଧନାତ୍ମକ ନା ଏକ ଋଣାତ୍ମକ ସଂଖ୍ୟା?



ଯଦି ଏହା ଧନାତ୍ମକ, ତେବେ ଆପଣଙ୍କର ବଳକା ରହୁଛି । ଶୁଭେଚ୍ଛା! ଅତିରିକ୍ତ ଅର୍ଥ ଦ୍ୱାରା ଆପଣ ନିଶ୍ଚୟ କୌଣସି ଉଧାର କିମ୍ବା ଋଣ ଯଦି କିଛି ଥିବ ଏହା ସୁଝି ପାରିବେ । ନଚେତ୍ ଆପଣ ଆପଣଙ୍କର ମାସିକ ସଞ୍ଚୟ ରାଶି ବୃଦ୍ଧି କରିପାରିବେ କିମ୍ବା ଭବିଷ୍ୟତ ପାଇଁ ନିବେଶ କରିପାରିବେ ।




ଯଦି ଏହା ଋଣାତ୍ମକ, ତେବେ ଆପଣଙ୍କର ନିଅଣ୍ଟ ରହିଛି । ଆପଣଙ୍କ ବଜେଟ୍‌କୁ ସନ୍ତୁଳିତ କରିବା ପାଇଁ ଆପଣଙ୍କର ଆୟ ବୃଦ୍ଧି କରିବା ଆବଶ୍ୟକ । ଚାହିଦା ବଦଳରେ ଆପଣଙ୍କ ଆବଶ୍ୟକତାଗୁଡ଼ିକ କ'ଣ ତାହା ଉପରେ ଧ୍ୟାନ ଦେଇ ଆପଣଙ୍କର ବ୍ୟୟ ହ୍ରାସ କରନ୍ତୁ ।

ବଜେଟ୍ କରିବା ଗୋଟିଏ ଥରର ଜିନିଷ ନୁହେଁ । ଏହା ଠିକ୍ ଭାବରେ କାମ କରିବା ପାଇଁ ଆପଣ ଏହା ନିୟମିତ ଭାବରେ କରିବା ଆବଶ୍ୟକ । ପ୍ରଥମେ ଏହାକୁ ସାପ୍ତାହିକ ଭାବରେ କରନ୍ତୁ ଏବଂ ଥରେ ଏହା ସୁବିଧାଜନକ ହୋଇଗଲେ ଆପଣ ଏହାକୁ ମାସିକ କରିପାରିବେ ।

## ସଞ୍ଚୟ

ଆପଣଙ୍କର ଭବିଷ୍ୟତ ଆର୍ଥିକ ଦୃଷ୍ଟିରୁ ନିରାପଦ ବୋଲି ନିଶ୍ଚିତ କରିବା ପାଇଁ ସଞ୍ଚୟ ଏକ ପ୍ରମୁଖ ପଦକ୍ଷେପ | ତୁମର ସଞ୍ଚୟକୁ ଯଥାସମ୍ଭବ ବୃଦ୍ଧି କରିବାକୁ ଶୀଘ୍ର ଆରମ୍ଭ କର |

**ଚକ୍ରବୃଦ୍ଧିର ଶକ୍ତି କ'ଣ?**

ସରଳ ସୁଧ ଦ୍ୱାରା ଆପଣ କେବଳ ମୂଳଧନ (ଅର୍ଥାତ୍ ଆପଣ ପ୍ରଥମେ ନିବେଶ କରିଥିବା ରାଶି) ଉପରେ ସୁଧ ଆୟ କରିପାରିବେ; ଯେତେବେଳେ କି ଚକ୍ରବୃଦ୍ଧି ଦ୍ୱାରା ଆପଣ ଆପଣଙ୍କ ମୂଳଧନ ସହିତ ପୂର୍ବରୁ ଆୟ କରାଯାଇଥିବା ସୁଧ ଉପରେ ସୁଧ ପାଇପାରିବେ ।

ଟ.100/- ର ପରିମାଣ, 10 ବର୍ଷ ପାଇଁ, 10% ସୁଧ ହାରରେ ନିବେଶ କରାଯାଇଥିଲା ଏହା ପରିପକ୍ୱତା ସମୟରେ ସରଳ ସୁଧ ସହିତ ଟ.200/- ଏବଂ ଚକ୍ରବୃଦ୍ଧି ସୁଧ ସହିତ ଟ.260/- (ପ୍ରାୟ) ହୋଇଥାଏ।

**72ର ନିୟମ:**

72 ନିୟମ ହେଉଛି ଏକ ଦ୍ରୁତ, ଉପଯୋଗୀ ସୂତ୍ର ଯାହା ସାଧାରଣତଃ ଏକ ପ୍ରଦତ୍ତ ବାର୍ଷିକ ଲାଭ ହାରରେ ନିବେଶ କରାଯାଇଥିବା ଅର୍ଥ ଦ୍ୱିଗୁଣିତ କରିବା ପାଇଁ ବର୍ଷ ସଂଖ୍ୟା ଆକଳନ କରିବା ପାଇଁ ବ୍ୟବହୃତ ହୁଏ

ଦ୍ୱିଗୁଣିତ ହେବା ପାଇଁ ବର୍ଷ =72 / ସୁଧ ହାର

9% ସୁଧ ହାରରେ ନିବେଶ କରାଯାଇଥିବା ଟ. 1000/- ପରିମାଣର ଅର୍ଥ 72/9 =8 ବର୍ଷରେ ଦ୍ୱିଗୁଣିତ ହେବ ।

**କିପରି ସଞ୍ଚୟ କରିବାକୁ ହେବ?**

ବର୍ତ୍ତମାନ ଆପଣ ଯେତେବେଳେ ସଞ୍ଚୟ କରିବାକୁ ସ୍ଥିର କରି ସାରିଛନ୍ତି, ଆପଣ ଏହା କିପରି କରିବେ ?

## ବିତ୍ତୀୟ ଯୋଜନା

ବିତ୍ତୀୟ ନିଷ୍ପତ୍ତି ଆମେ ଆମ ଜୀବନରେ ଯାହା କରୁ ତାହା ମଧ୍ୟରୁ ଅନେକର ମୂଳଦୁଆ ଗଠନ କରେ। ଦୁର୍ବଳ ଭାବରେ ଚିନ୍ତା କରାଯାଇଥିବା ଏକ ବ୍ୟକ୍ତିଗତ ବିତ୍ତୀୟ ନିଷ୍ପତ୍ତି ହୁଏତ ଋଣଗ୍ରସ୍ତତା ଆଡ଼କୁ ନେଇଯାଇପାରେ, ଯେତେବେଳେ କି ଭଲ ଭାବରେ ଚିନ୍ତା କରାଯାଇ ସୁସ୍ଥ ବିତ୍ତୀୟ ନିଷ୍ପତ୍ତି ବିତ୍ତୀୟ ସୁସ୍ଥତା ଆଡ଼କୁ ନେଇଯାଇପାରେ। ଏହି କାରଣରୁ ବିତ୍ତୀୟ ସୁସ୍ଥତା ନିମନ୍ତେ ବିତ୍ତୀୟ ଯୋଜନା ହେଉଛି ଗୁରୁତ୍ୱପୂର୍ଣ୍ଣ।

ଆସ୍ମମାନଙ୍କ ମଧ୍ୟରୁ ଅନେକ ଚିନ୍ତା କରନ୍ତି ଯେ ବିତ୍ତୀୟ ଯୋଜନା ହେଉଛି କେବଳ ଅବସର/ବୃଦ୍ଧାବସ୍ଥା ନିମନ୍ତେ ନିବେଶ କରିବା ସମ୍ପର୍କରେ । ଏହା ନିଶ୍ଚୟ – କିନ୍ତୁ ଏହା ଆହୁରି ଅନେକ କିଛି ମଧ୍ୟ । ଆପଣ ଜଣେ କଲେଜ୍ ଗ୍ରାଜୁଏଟ୍, ଜଣେ ଯୁବକ, ଜଣେ ଗୃହିଣୀ କିମ୍ବା ଜଣେ ବରିଷ୍ଠ ବ୍ୟକ୍ତି ହୁଅନ୍ତୁ ନା କାହିଁକି ବିତ୍ତୀୟ ଯୋଜନା ହେଉଛି ଆପଣ ଆପଣଙ୍କର ଲକ୍ଷ୍ୟ ହାସଲ କରିବା ସୁନିଶ୍ଚିତ କରିବା ପାଇଁ ଆପଣ ଆଗୁଆ କିପରି ଚିନ୍ତା କରନ୍ତି ।

୩ଟି ପ୍ରଶ୍ନର ଉତ୍ତର ଦେଇ ଆପଣଙ୍କ ବିତ୍ତୀୟ ଯୋଜନା ଆରମ୍ଭ କରନ୍ତୁ:

*ମୁଁ ବର୍ତ୍ତମାନ କେଉଁଠାରେ?*
*ମୁଁ କେଉଁଠାକୁ ଯିବାକୁ ଚାହେଁ?*
*ମୁଁ ଏଠାରୁ ସେହି ସ୍ଥାନକୁ କିପରି ଯିବି?*





**ଏକ ବିତ୍ତୀୟ ଯୋଜନା ଆପଣଙ୍କୁ ଏଥିରେ ସାହାଯ୍ୟ କରିବ:**

- ଆଜିର ଆବଶ୍ୟକତାକୁ ଆପଣଙ୍କର ଭବିଷ୍ୟତ ଲକ୍ଷ୍ୟ ସହିତ ସନ୍ତୁଳିତ କରେ
- ଆପଣଙ୍କ ବିତ୍ତୀୟ ସମ୍ବଳଗୁଡ଼ିକର ସର୍ବୋତ୍ତମ ଉପଯୋଗ କରେ
- ଆପଣଙ୍କ ପରିସ୍ଥିତି ଏବଂ ଆବଶ୍ୟକତାରେ ପରିବର୍ତ୍ତନ ଗ୍ରହଣ କରେ
- ଆପଣଙ୍କ ଲକ୍ଷ୍ୟ ହାସଲ କରିବା ପାଇଁ ଆପଣ ଆବଶ୍ୟକ କରୁଥିବା ଅର୍ଥ ସଞ୍ଚୟ କରେ
- ଅପ୍ରତ୍ୟାଶିତ ଜରୁରୀ ପରିସ୍ଥିତି ପାଇଁ ପ୍ରସ୍ତୁତ କରେ
- ଆପଣଙ୍କ ପାଇଁ ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତାହାର ସୁରକ୍ଷା କରେ
- ଅବସର ପାଇଁ ପ୍ରସ୍ତୁତ କରେ
- ଆପଣଙ୍କ ପରିବାର ପାଇଁ କିଛି ରଖେ
- ଆପଣଙ୍କ ଟିକସଗୁଡ଼ିକ ପରିଚାଳନା କରେ
- ଏକ ଲକ୍ଷ୍ୟ ଏବଂ ସୁରକ୍ଷାର ଭାବନା ସହିତ ଆପଣଙ୍କୁ ଜୀବନ ଯାପନ କରିବାକୁ ଦିଏ

## ବିତ୍ତୀୟ ଲକ୍ଷ୍ୟ ସ୍ଥିର କରିବା

ବିତ୍ତୀୟ ଯୋଜନାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୋପାନ ହେଉଛି ଲକ୍ଷ୍ୟ ସ୍ଥିର କରିବା । କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘ ଅବଧି ବିତ୍ତୀୟ ଲକ୍ଷ୍ୟଗୁଡ଼ିକ ସ୍ଥିର କରିବା ଜରୁରୀ ।



## ବୁଦ୍ଧିମାନ୍ ଲକ୍ଷ୍ୟଗୁଡ଼ିକ ସ୍ଥିର କରିବା

ଯଦି ଆପଣ କେଉଁ ସ୍ଥାନକୁ ଯିବାକୁ ଚାହାଁନ୍ତି, ଆପଣ ରାସ୍ତା ଜାଣିବା ଆବଶ୍ୟକ । ଆପଣଙ୍କ ଅର୍ଥ ସହିତ ଠିକ୍ ତାହା । ଆପଣଙ୍କ ଅର୍ଥକୁ ଭଲ ଭାବରେ ପରିଚାଳନା କରିବା ପାଇଁ ଆପଣ କେଉଁ ସ୍ଥାନକୁ ଯିବାକୁ ଚାହାଁନ୍ତି ତାହା ଆପଣ ଜାଣିବା ଆବଶ୍ୟକ । କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘ ଅବଧି ବିତ୍ତୀୟ ଲକ୍ଷ୍ୟ ସ୍ଥିର କରିବା ଗୁରୁତ୍ୱପୂର୍ଣ୍ଣ ।




ଉଦାହରଣସ୍ୱରୂପ, "ଗୋଟିଏ ମୋଟରବାଇକ୍ ପାଇଁ ସଞ୍ଚୟ କରିବା" ହେଉଛି ଆକଳନ କରିବା ହେଉଛି ଏକ ଅର୍ଥହୀନ ଏବଂ କଠିନ କାମ । ଆପଣ ଅଗ୍ରଗତି କରୁଛନ୍ତି କିମ୍ବା ଏହା ହାସଲ କରିଛନ୍ତି ତାହା କିପରି ଜାଣିବେ? ଅନ୍ୟପକ୍ଷରେ, ଦଶ ମାସ ମଧ୍ୟରେ ଏକ ୧୦୦ ସିସି ମୋଟରବାଇକ୍ ପାଇଁ ୫୦,୦୦୦ ଟଙ୍କା ସଞ୍ଚୟ କରିବା ହେଉଛି ସ୍ମାର୍ଟ । ଏହା ନିର୍ଦ୍ଦିଷ୍ଟ – ଆପଣ ଜାଣନ୍ତି ଆପଣ କେତେ ଆବଶ୍ୟକ କରିବେ । ଏହା ହିସାବଯୋଗ୍ୟ – ଆପଣ ଜାଣନ୍ତି ଆପଣ କେତେ ଆବଶ୍ୟକ କରିବେ । ଏହା ହାସଲଯୋଗ୍ୟ ଏବଂ ବାସ୍ତବ – ଆପଣ ଆବଶ୍ୟକ ହେଉଥିବା ସମୁଦାୟ ପରିମାଣରକୁ ଛୋଟ ଛୋଟ ପର୍ଯ୍ୟାୟରେ ଭାଙ୍ଗି ଦେଇପାରିବେ । (ମାସକୁ ୫୦୦୦ ଟଙ୍କା ସଞ୍ଚୟ) ଏହା କରିବା ସହଜ ହେବ । ଏବଂ ଏହା ସମୟ ସୀମିତ, ଆପଣ ୧୦ ମାସ ପାଇଁ ଏକ ସମୟ ସ୍ଥିର କରିଛନ୍ତି ।

## ସଞ୍ଚୟ:

ଆପଣଙ୍କ ଭବିଷ୍ୟତ ବିତ୍ତୀୟ ଭାବରେ ନିରାପଦ ଏହା ନିଶ୍ଚିତ କରିବା ପାଇଁ ସଞ୍ଚୟ ହେଉଛି ଏକ ଚାବିକାଠି । ଏହା ଆପଣଙ୍କୁ **ଆପଣଙ୍କର ବିତ୍ତୀୟ ଲକ୍ଷ୍ୟ ପୂରଣ କରିବାରେ** ଏବଂ ଆପଣଙ୍କ ନିଜ ଭବିଷ୍ୟତ ପାଇଁ ଅର୍ଥ ଯୋଗାଇବାରେ ସାହାଯ୍ୟ କରିବ ।

### ସଞ୍ଚୟ କ'ଣ?

ସଞ୍ଚୟକୁ ଦେଖିବାର ଏକ ଭଲ ଆଭିମୁଖ୍ୟ ନିମ୍ନ ଅନୁଯାୟୀ ହେବ:

✗ **ସଞ୍ଚୟ = ଆୟ - ବ୍ୟୟ**

✓ **ବ୍ୟୟ = ଆୟ – ସଞ୍ଚୟ**

ଆପଣ କିଛି ବ୍ୟୟ କରିବା **ପୂର୍ବରୁ** ଆପଣଙ୍କ ଆୟର ଏକ ଭାଗ ଅଲଗା ରଖିବା ଉଚିତ୍ ।

### କାହିଁକି ସଞ୍ଚୟ କରିବା?

ସଞ୍ଚୟ ବିନା, ଯେତେବେଳେ ଆପଣ କିଛି କିଣିବାକୁ ଚାହାଁନ୍ତି, ଆପଣଙ୍କୁ ଅର୍ଥ ଧାର କରିବାକୁ ହେବ । ଧାର କରିବା ଖର୍ଚ୍ଚ ବହୁଳ, କାରଣ ଆପଣଙ୍କୁ କେବଳ ଏହା ଫେରାଇବାକୁ ହେବ ନାହିଁ, ଆପଣଙ୍କୁ ମଧ୍ୟ ସୁଧ ପୈଠ କରିବାକୁ ହେବ, ଅଧିକାଂଶ ସମୟରେ ଏକ ଉଚ୍ଚ ମାସିକ ସୁଧ ହାରରେ । ଅର୍ଥ ଉଧାର ନେବା ସମୟରେ ଆପଣଙ୍କୁ ଯେଉଁ ସୁଧ ପୈଠ କରିବାକୁ ହୁଏ ସଞ୍ଚୟ ଆପଣଙ୍କୁ ତାହା ଏଡ଼ାଇବାକୁ ଦେଇଥାଏ ।

### କିପରି ସଞ୍ଚୟ କରିବାକୁ ହେବ ?

ବର୍ତ୍ତମାନ ଆପଣ ସଞ୍ଚୟ କରିବାକୁ ସ୍ଥିର କରିଥିବାରୁ, ଆପଣ ଏହା କିପରି କରିବେ? ଏସବୁ ଟିପ୍ସ ମନରେ ରଖନ୍ତୁ:

ଆପଣଙ୍କ ସଞ୍ଚୟ ଏବଂ ବ୍ୟୟ ପାଇଁ ଏକ ଯୋଜନା କରନ୍ତୁ । ଅଣଜରୁରୀ ଖର୍ଚ୍ଚ ହ୍ରାସ କରନ୍ତୁ ଏବଂ ଆପଣଙ୍କ ସଞ୍ଚୟକୁ ଏକ ଅଲଗା ଆକାଉଣ୍ଟରେ ରଖନ୍ତୁ । ଆପଣ ଆବଶ୍ୟକ କରୁଥିବା ଜିନିଷଗୁଡ଼ିକ ପାଇଁ ବ୍ୟୟ କରନ୍ତୁ ।

ଆପଣଙ୍କ ସଞ୍ଚୟ ଆରମ୍ଭ କରିବା ପୂର୍ବରୁ ସାଧାରଣତଃ ଯେ କୌଣସି ଉଚ୍ଚ ସୁଧ ବିଶିଷ୍ଟ ଋଣକୁ ପରିଶୋଧ କରିବା ସର୍ବୋତ୍ତମ, କାରଣ ସେଗୁଡ଼ିକ ସାଧାରଣତଃ ଆପଣ ଗୋଟିଏ ସଞ୍ଚୟ ଯୋଜନାରୁ ଯେତିକି ଆୟ କରିପାରିବେ ତାହାଠାରୁ ଅଧିକ ଖର୍ଚ୍ଚ କରାଇଥାଏ । ପ୍ରଥମେ ଏହି ଋଣଗୁଡ଼ିକୁ ପରିଶୋଧ କରନ୍ତୁ ଏବଂ ଏହା ପରେ ନିୟମିତ ଭାବରେ ଅର୍ଥକ ଏକ ସଞ୍ଚୟ ଆକାଉଣ୍ଟରେ ରଖନ୍ତ ।

ପ୍ରଥମେ ନିଜକୁ ଅର୍ଥ ପୈଠ କରନ୍ତୁ । କୌଣସି ଜିନିଷ ପାଇଁ ଆପଣ ବ୍ୟୟ କରିବା ପୂର୍ବରୁ ଆପଣଙ୍କ ଆୟରୁ ଅର୍ଥ ଅଲଗା ରଖନ୍ତୁ । ସଞ୍ଚୟ ପରେ ଯାହା ବଳକା ରହିଛି ତାହା ବିଭିନ୍ନ ଜିନିଷ ପାଇଁ ଖର୍ଚ୍ଚ କରନ୍ତୁ । ଏଥିସହିତ ଯଦି ଆପଣଙ୍କର ଆୟ ବୃଦ୍ଧି ହୁଏ, ଏହି ବର୍ଦ୍ଧିତ ମଧ୍ୟରୁ କିଛି (ଯଦି ଆପଣ ପାରିବେ ଏହାର ଅଧିକାଂଶ) ଆପଣଙ୍କ ସଞ୍ଚୟରେ ରଖନ୍ତୁ । ଆପଣ ଅତିରିକ୍ତ ଅର୍ଥ ବ୍ୟୟ କରିବା ପାଇଁ ଅଭ୍ୟସ୍ତ ହେବା ପୂର୍ବରୁ ଏହା କରିବା ସହଜ ହେବ ।

ସବୁବେଳେ ଆପଣଙ୍କ ସଞ୍ଚୟ ଦିଗରେ ଏକ ନିୟମିତ ଯୋଗଦାନ ଦିଅନ୍ତୁ । ଏହାକୁ ସହଜ କରିବା ପାଇଁ ଆପଣଙ୍କ ସଞ୍ଚୟ ଆକାଉଣ୍ଟକୁ ଏକ ଅଟୋମେଟିକ୍ ମନ୍ଥଲି ଟ୍ରାନ୍ସଫର୍ ସ୍ଥିର କରନ୍ତୁ ।

ଆପଣଙ୍କ ସଞ୍ଚୟକୁ ସର୍ବାଧିକ କରିବା ପାଇଁ ଟିକସ ଛାଡ଼ ଯୋଜନାଗୁଡ଼ିକର ଉପଯୋଗ କରନ୍ତୁ ଇପିଏଫ୍, ପିପିଏଫ୍, ଏନ୍ଏସ୍‌ସି, ଇଏଲ୍ଏସ୍ଏସ୍, ଏସ୍ଏସ୍‌ୱାଇ, ଏନ୍‌ପିଏସ୍ ଇତ୍ୟାଦି ପରି ଯୋଜନା ଆପଣ ସଞ୍ଚୟ ଉପରେ ପୈଠ କରୁଥିବା ଟିକସ ହ୍ରାସ କରିବା ପାଇଁ ଏକ ଭଲ ଉପାୟ ।

### କେଉଁଠାରେ ସଞ୍ଚୟ କରିବେ?

ଆପଣ ଜାଣନ୍ତି ଆପଣ ପ୍ରତି ମାସରେ ଅତି କମ୍‌ରେ କିଛି ସଞ୍ଚୟ କରିପାରିବେ । ଆପଣଙ୍କ ସଞ୍ଚୟକୁ ନିରାପଦ ରଖିବା ପାଇଁ ଆପଣ କ'ଣ କରିବା ଉଚିତ୍? ଅନେକ ବିକଳ୍ପ ରହିଛି । ଏହା ଗୋଟିଏ ବ୍ୟାଙ୍କରେ ଜମାଖାତା ପରି ଖୁବ୍ ସରଳ ହୋଇପାରେ। ଏହା ରେକରିଂ କିମ୍ବା ଫିକ୍ସଡ ଡିପୋଜିଟ୍ସ, କିମ୍ବା ଡାକଘର ସଞ୍ଚୟ ଯୋଜନା ହୋଇପାରେ ।

### ସଞ୍ଚୟ କରିବା ସମୟରେ ମନେରଖିବାକୁ ଥିବା ବିନ୍ଦୁଗୁଡ଼ିକ:

- ନିଶ୍ଚିତ କରନ୍ତୁ ଯେ ଆପଣଙ୍କ ସଞ୍ଚୟଗୁଡ଼ିକ ବିବିଧ ସାଧନରେ ନିବେଶ ହେବ (ନିବେଶରେ ଥିବା ମଡ୍ୟୁଲ୍‌ଗୁଡ଼ିକ ଦେଖନ୍ତୁ) ।
- କିଛି ଭାଗ ଲିକ୍ୱିଡ୍ ସମ୍ପତ୍ତି ଭାବରେ ରହିବା ଉଚିତ୍, ଯଦ୍ୱାରା ଆପଣ ଆବଶ୍ୟକ କରୁଥିବା ସମୟରେ ଅର୍ଥ ଉଠାଣ କରିପାରିବେ ।
- ଆପଣଙ୍କର ଅର୍ଥକୁ ଖୁବ୍ ବିପଦ/ ଅନିୟନ୍ତ୍ରିତ ଥିବା ସାଧନଗୁଡ଼ିକରେ ଲଗାନ୍ତୁ ନାହିଁ, ଆପଣ ଏ ମଧ୍ୟରୁ ସବୁକିଛି ହରାଇପାରନ୍ତି !!!

# ମଡ୍ୟୁଲ୍ 2

## ବ୍ୟାଙ୍କିଙ୍ଗ୍




ବ୍ୟାଙ୍କ ହେଉଛି ଏକ ବିତ୍ତୀୟ ଅନୁଷ୍ଠାନ ଯାହା ଜନସାଧାରଣଙ୍କଠାରୁ ଜମା ଗ୍ରହଣ କରେ ଏବଂ ଋଣ ସୃଷ୍ଟି କରେ । ଭାରତରେ ବ୍ୟାଙ୍କିଂ କ୍ଷେତ୍ର ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍.ବି.ଆଇ) ଦ୍ୱାରା ନିୟନ୍ତ୍ରିତ ।
ଆସନ୍ତୁ ସଂକ୍ଷେପରେ ବିଭିନ୍ନ ପ୍ରକାରର ବ୍ୟାଙ୍କ ଜମାଗୁଡ଼ିକୁ ବୁଝିବା :-

**ସଞ୍ଚୟ ଜମା ଖାତା (ଡିମାଣ୍ଡ ଡିପୋଜିଟ୍)**

ସଞ୍ଚୟ ଜମା ଖାତା ବା ସେଭିଂସ୍ ଆକାଉଣ୍ଟ କ୍ଷୁଦ୍ର ଅବଧି ସଞ୍ଚୟ ନିମନ୍ତେ ଉପଯୋଗୀ । ଆପଣ ଯେ କୌଣସି ବ୍ୟାଙ୍କର ଏକ ସେଭିଂ ଆକାଉଣ୍ଟରେ ଅର୍ଥ ଜମା କରିପାରିବେ । ଏହା ଆପଣଙ୍କ ସଞ୍ଚୟକୁ ନିରାପଦ ରଖିବ ଏବଂ ଅଳ୍ପ ସୁଧ ପ୍ରଦାନ କରିବ । ଆପଣଙ୍କର ଅର୍ଥକୁ ଆପଣ ଯେ କୌଣସି ସ୍ଥାନକ ନେଇଯାଇପାରିବେ ।

**ରେକରିଂ ଡିପୋଜିଟ୍ (ଟାଇମ୍ ଡିପୋଜିଟ୍)**

ସାଧାରଣତଃ ଆର୍‌ଡି ଭାବରେ ଜଣାଶୁଣା, ରେକରିଂ ଡିପୋଜିଟ୍ ଯଦି ଆପଣ କୌଣସି ବିଶେଷ ଅବସର ଯେମିତିକି ଆପଣ ଏକ କାର୍ କିଣିବା ପାଇଁ ମଝିରେ ମଝିରେ ସଞ୍ଚୟ କରି ଏକ ପାଣ୍ଠି ସୃଷ୍ଟି କରିବାକୁ ଚାହାଁନ୍ତି । ଏଗୁଡ଼ିକ ସେହି ଲୋକମାନଙ୍କ ପାଇଁ ଉପଯୁକ୍ତ ଯେଉଁ ଲୋକମାନଙ୍କର ବୃହତ୍ ସଞ୍ଚୟ ନାହିଁ, କିନ୍ତୁ ସେମାନେ ପ୍ରତି ମାସରେ ଏକ କ୍ଷୁଦ୍ର ପରିମାଣ ସଞ୍ଚୟ କରିବା ପାଇଁ ପ୍ରସ୍ତୁତ । କୌଣସି ଉଠାଣକୁ ଅନୁମତି ଦିଆଯାଏ ନାହିଁ ।.

**ଫିକ୍ସଡ ଡିପୋଜିଟ୍ (ଟାଇମ୍ ଡିପୋଜିଟ୍)**

ସାଧାରଣତଃ ଏଫ୍‌ଡି ଭାବରେ ଜଣାଶୁଣା, ଯେଉଁଠାରେ ଆପଣ ଏକ ନିର୍ଦ୍ଦିଷ୍ଟ ଅବଧି ନିମନ୍ତେ ଏକ ଅର୍ଥ ପରିମାଣ ଜମା କରିବେ । ଜମାକାରୀଙ୍କୁ ଏକ ଫିକ୍ସଡ ଡିପୋଜିଟ୍ ରସିଦ୍ ଦିଆଯାଏ ଯାହାକୁ ଜମାକାରୀ ପରିପକ୍ୱତା ସମୟରେ ପ୍ରସ୍ତୁତ କରିବାକୁ ହୋଇଥାଏ । ଉଠାଣକୁ ଅନୁମତି ଦିଆଯାଏ ନାହିଁ । ଆବଶ୍ୟକତା ସମୟରେ ଜମାକାରୀମାନେ ଏକ ଜୋରିମାନା ପୈଠ କରି ଫିକ୍ସଡ ଡିପୋଜିଟ୍ ଆକାଉଣ୍ଟକୁ ବନ୍ଦ କରିବା ପାଇଁ କହିପାରିବେ ।

**ଜମା ବୀମା**

ଡିପୋଜିଟ୍ ଇନ୍ସ୍ୟୁରାନ୍ସ ଆଣ୍ଡ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ୍ (ଡିଆଇସିଜିସି) ସମସ୍ତ ଜମାକୁ ବୀମା କରାଇଥାଏ ଯେମିତିକି ସେଭିଂସ, ଫିକ୍ସଡ, କରେଣ୍ଟ, ରେକରିଂ ଇତ୍ୟାଦି । ଯେ କୌଣସି ବ୍ୟାଙ୍କରେ ଜଣେ ଜମାକାରୀଙ୍କ ଦ୍ୱାରା ରଖାଯାଇଥିବା ମୂଳଧନ ଏବଂ ସୁଧ ପରିମାଣ ନିମନ୍ତେ ଗୋଟିଏ ବ୍ୟାଙ୍କ ସର୍ବାଧିକ ଟ. 500000 ଲକ୍ଷ ପର୍ଯ୍ୟନ୍ତ ବୀମା କରାଇଥାଏ ।

## ଭାରତରେ ବ୍ୟାଙ୍କିଂ

ବିତ୍ତୀୟ ଅନ୍ତର୍ଭୁକ୍ତି ନିମନ୍ତେ ଜାତୀୟ ଅଭିଯାନ ଅଧିନରେ **"ପ୍ରଧାନମନ୍ତ୍ରୀ ଜନ-ଧନ ଯୋଜନା (ପିଏମ୍‌ଜେଡିଓ୍ୱାଇ)"** ପ୍ରଥମେ 4 ବର୍ଷ (ଦୁଇଟି ପର୍ଯ୍ୟାୟରେ) ଅବଧି ନିମନ୍ତେ 28 ଅଗଷ୍ଟ 2014 ଆରମ୍ଭ ହୋଇଥିଲା । ଏହା ପ୍ରତ୍ୟେକ ପରିବାର ନିମନ୍ତେ ଅତି କମ୍‌ରେ ଗୋଟିଏ ମୌଳିକ ବ୍ୟାଙ୍କିଂ, ଜମା ଖାତା ସହିତ ବ୍ୟାଙ୍କିଂ ସୁବିଧାକୁ ସମସ୍ତଙ୍କର ପ୍ରବେଶ, ଆର୍ଥିକ ସାକ୍ଷରତା, ଋଣ, ବୀମା ଏବଂ ପେନ୍‌ସନ୍ ପାଇବା ଆଦିର ପରିକଳ୍ପନା କରିଛି ।

ସରକାର ନିମ୍ନଲିଖିତ ସଂଶୋଧନ ସହିତ ପ୍ରତ୍ୟେକ ପରିବାରରୁ ଗୋଟିଏ ଜମାଖାତା ଖୋଲିବାଠାରୁ ପ୍ରତ୍ୟେକ ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ ଜମା ଖାତା ଖୋଲିବା ଲକ୍ଷ୍ୟ ରଖି ବିସ୍ତୃତ ପିଏମ୍‌ଜେଡିଓ୍ୱାଇ କାର୍ଯ୍ୟକ୍ରମକୁ 28.8.2018 ପରେ ସଂପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି:

(i) ଟ. 5,000ର ବିଦ୍ୟମାନ ଓଭର ଡ୍ରାଫ୍ଟ (ଓଡି) ସୀମା ଟ. 10,000କୁ ସଂଶୋଧିତ ହୋଇଛି

(ii) ଟ. 2,000ପର୍ଯ୍ୟନ୍ତ ଓଡି ଗ୍ରହଣ କରୁଥିବା ସକ୍ରିୟ ପିଏମ୍‌ଜେଡିଓ୍ୱାଇ ଜମାଖାତା ନିମନ୍ତେ କୌଣସି ସର୍ତ୍ତ ସଂଯୁକ୍ତ ନୁହେଁ ।

(iii) ଓଡି ସୁବିଧା ଗ୍ରହଣ କରିବା ପାଇଁ ବୟସ ସୀମା 18-60 ବର୍ଷରୁ 18-65 ବର୍ଷକୁ ସଂଶୋଧିତ ହୋଇଛି ।

(iv) ନୂତନ ରୁପେ କାର୍ଡ ଧାରକମାନଙ୍କ ନିମନ୍ତେ ଦୁର୍ଘଟଣାଜନିତ ବୀମା ସୁରକ୍ଷା ବିଦ୍ୟମାନ ଟ. 1 ଲକ୍ଷରୁ 28.8.2018 ପରେ ଖୋଲାଯାଇଥିବା ନୂତନ ପିଏମ୍‌ଜେଡିଓ୍ୱାଇ ଆକାଉଣ୍ଟ ନିମନ୍ତେ ଟ. 2 ଲକ୍ଷକୁ ବର୍ଦ୍ଧିତ ହୋଇଛି ।

ଅଧିକ ସୂଚନା ପାଇଁ ଏଠାକୁ ଯାଆନ୍ତୁ: https://pmjdy.gov.in/

## ପାରମ୍ପରିକ ବ୍ୟବସାୟିକ ବ୍ୟାଙ୍କସ

**ସାର୍ବଜନିକ କ୍ଷେତ୍ର ବ୍ୟାଙ୍କଗୁଡ଼ିକ:** ସରକାର ସାର୍ବଜନିକ କ୍ଷେତ୍ର ବ୍ୟାଙ୍କଗୁଡ଼ିକରେ ସବୁଠାରୁ ଅଧିକ ଅଂଶ ଧନ ରଖିଥା'ନ୍ତି । ଭାରତରେ ଜାତୀୟକରଣ ବ୍ୟାଙ୍କଗୁଡ଼ିକ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ଏସବୁ ଶ୍ରେଣୀ ଅଧିନରେ ଆସିଥାଏ । ଉଦାହରଣସ୍ୱରୂପ: ଏସ୍‌ବିଆଇ, ବିଓବି, ପିଏନ୍‌ବି ଇତ୍ୟାଦି ।

**ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡ଼ିକ:** ଘରୋଇ ସେୟାର ଧାରକମାନେ ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡ଼ିକରେ ସବୁଠାରୁ ଅଧିକ ଅଂଶଧନ ରଖିଥା'ନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ସମସ୍ତ ନିୟମ ଏବଂ ନିୟାମକଗୁଡ଼ିକ ସ୍ଥିର କରିଥାଏ । ଉଦାହରଣସ୍ୱରୂପ: ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ ଇତ୍ୟାଦି ।

**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ:** ଏସବୁ ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ ନାମମାତ୍ର କୃଷକ, ଶ୍ରମିକ, କ୍ଷୁଦ୍ର ଉଦ୍ୟୋଗ ଇତ୍ୟାଦି ପରି ସମାଜର ଦୁର୍ବଳ ବର୍ଗର ସହଯୋଗ ପାଇଁ ସ୍ଥାପିତ ହୋଇଥିଲା । ସେଗୁଡ଼ିକ ମୁଖ୍ୟତଃ ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ସ୍ତରରେ କାର୍ଯ୍ୟ କରିଥାଏ ।

## ସମବାୟ ବ୍ୟାଙ୍କଗୁଡ଼ିକ

**ସମବାୟ ବ୍ୟାଙ୍କଗୁଡ଼ିକ:** ଭାରତରେ ଗ୍ରାମୀଣ ସମବାୟ ଋଣ ବ୍ୟବସ୍ଥା ମୁଖ୍ୟତଃ କୃଷି କ୍ଷେତ୍ରକୁ ଋଣର ପ୍ରବାହ ନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ । ଏହା ତିନି ସ୍ତରୀୟ ବ୍ୟବସ୍ଥାରେ କାର୍ଯ୍ୟ କରେ, ଗ୍ରାମ ସ୍ତରରେ ପ୍ରାଥମିକ କୃଷି ଋଣ ସମିତି, ଜିଲ୍ଲା ସ୍ତରରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକ ଏବଂ ରାଜ୍ୟ ସ୍ତରରେ ରାଜ୍ୟ ସମବାୟ ବ୍ୟାଙ୍କଗୁଡ଼ିକ ।
ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ୍ (ୟୁସିବିଏସ୍) ସହରାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ ଗ୍ରାହକମାନଙ୍କ ବିତ୍ତୀୟ ଆବଶ୍ୟକତା ପୂରଣ କରିଥାଏ ।

## ନୂତନ ବ୍ୟାଙ୍କିଂ ମଡେଲ୍‌ଗୁଡ଼ିକ

**ପେମେଣ୍ଟ ବ୍ୟାଙ୍କସ:** ଏସବୁ ବ୍ୟାଙ୍କଗୁଡ଼ିକ ଏକ ସୀମିତ ଜମା ଗ୍ରହଣ କରିପାରିବେ ଯାହାକି ବର୍ତ୍ତମାନ ଗ୍ରାହକ ପିଛା ₹ 100,000 ରେ ସୀମିତ ଏବଂ ପରବର୍ତ୍ତୀ ସମୟରେ ବୃଦ୍ଧି କରାଯାଇପାରେ । ପେମେଣ୍ଟ ବ୍ୟାଙ୍କଗୁଡ଼ିକ ଏଟିଏମ୍ କାର୍ଡ, ଡେବିଟ୍ କାର୍ଡ, ନେଟ୍ ବ୍ୟାଙ୍କିଂ ଏବଂ ମୋବାଇଲ୍ ବ୍ୟାଙ୍କିଂ ପରି ସେବା ଜାରି କରିପାରିବେ । ଉଦାହରଣସ୍ୱରୂପ ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ୍ ବ୍ୟାଙ୍କ (ଆଇପିପିବି)

**ସ୍ମଲ୍ ଫାଇନାନ୍ସ ବ୍ୟାଙ୍କସ:** ଏହା ଜମା ଗ୍ରହଣ କରିବା ଏବଂ ମୌଳିକ ଋଣର ମୌଳିକ ବ୍ୟାଙ୍କିଂ ସେବା ପ୍ରଦାନ କରିଥାଏ । ଏଗୁଡ଼ିକ ପଛରେ ଲକ୍ଷ୍ୟ ରହିଛି ଅନ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସେବା ପ୍ରଦାନ କରାଯାଉନଥିବା ଅର୍ଥନୀତିର ବିଭାଗଗୁଡ଼ିକ, ଯେମିତିକି କ୍ଷୁଦ୍ର ବ୍ୟବସାୟ ୟୁନିଟ୍, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ, ଅଣୁ ଏବଂ ଲଘୁ ଉଦ୍ୟୋଗ ଏବଂ ଅସଂଗଠିତ କ୍ଷେତ୍ର ଉଦ୍ୟୋଗଗୁଡ଼ିକୁ ବିତ୍ତୀୟ ଅନ୍ତର୍ଭୁକ୍ତି ଯୋଗାଇ ଦେବା ।

## ଡେଭଲପ୍‌ମେଣ୍ଟ ଫାଇନାନ୍ସ ଇନଷ୍ଟିଚ୍ୟୁସନ୍ସ (ଡି.ଏଫ୍.ଆଇ)

ଏକ ଡେଭଲପମେଣ୍ଟ ବ୍ୟାଙ୍କ ଭାବରେ ଜଣାଶୁଣା ଏକ ଡେଭଲପମେଣ୍ଟ ଫାଇନାନ୍ସ ଇନଷ୍ଟିଚ୍ୟୁସନ୍ (ଡି.ଏଫ୍.ଆଇ) ହେଉଛି ଏକ ବିତ୍ତୀୟ ଅନୁଷ୍ଠାନ ଯାହା ଅଣବ୍ୟବସାୟିକ ଆଧାରରେ ଅର୍ଥନୈତିକ ବିକାଶ ପ୍ରକଳ୍ପ ନିମନ୍ତେ ରିସ୍କ କାପିଟାଲ୍ ଯୋଗାଇ ଦେଇଥାଏ । ଉଦାହରଣ ସ୍ୱରୂପ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ **(ଏସ୍.ଆଇ.ଡି.ବି.ଆଇ)**, ନ୍ୟାସନାଲ୍ ବ୍ୟାଙ୍କ ଫର୍ ଏଗ୍ରିକଲ୍‌ଚର୍ ଆଣ୍ଡ ରୁରାଲ୍ ଡେଭଲପମେଣ୍ଟ **(ନାବାର୍ଡ)**, ନ୍ୟାସନାଲ୍ ହାଉସିଂ ବ୍ୟାଙ୍କ **(ଏନ୍.ଏଚ୍.ବି)** ଇତ୍ୟାଦି ।

## ମାଇକ୍ରୋ ଫାଇନାନ୍ସ ଇନଷ୍ଟିଚ୍ୟୁସନ (ଏମ୍.ଏଫ୍.ଆଇ)

ଯେଉଁ ଅନୁଷ୍ଠାନଗୁଡ଼ିକରେ ସେମାନଙ୍କର ମୁଖ୍ୟ କାର୍ଯ୍ୟ ଭାବରେ ମାଇକ୍ରୋ ଫାଇନାନ୍ସ ରହିଛି ସେଗୁଡ଼ିକୁ ମାଇକ୍ରୋ ଫାଇନାନ୍ସ ଇନଷ୍ଟିଚ୍ୟୁସନ୍ କୁହାଯାଏ । ଏହି ଅନୁଷ୍ଠାନଗୁଡ଼ିକ କେବଳ ଅଣୁ ଋଣ ପ୍ରଦାନ କରନ୍ତି ନାହିଁ ଏଥିସହିତ ସେମାନେ ମଧ୍ୟ ବୀମା, ଅର୍ଥ ପ୍ରେରଣ ଏବଂ ଅଣୁ ବ୍ୟବସାୟ ଆରମ୍ଭ କରିବା ପାଇଁ ବ୍ୟକ୍ତିଗତ ପରାମର୍ଶ, ପ୍ରଶିକ୍ଷଣ ଏବଂ ସହଯୋଗ ପରି ଅଣବିତ୍ତୀୟ ସେବା ପ୍ରଦାନ କରିଥା'ନ୍ତି ।

**ନନ୍-ବ୍ୟାଙ୍କିଂ ଫାଇନାନ୍ସିଆଲ୍ କମ୍ପାନୀ (ଏନ୍‌ବିଏଫ୍‌ସି):** ଏକ ଅଣ-ବ୍ୟାଙ୍କିଂ ଅନୁଷ୍ଠାନ ହେଉଛି ଏକ କମ୍ପାନୀ ଯାହା ଆର୍.ବି.ଆଇ ଦ୍ୱାରା ନିୟନ୍ତ୍ରିତ କମ୍ପାନୀ ଅଧିନିୟମ 1956/2013 ଦ୍ୱାରା ପଞ୍ଜୀକୃତ ହୋଇଥାଏ । ଏନ୍‌ବିଏଫ୍‌ସି ବ୍ୟବସାୟ ଋଣ ଏବଂ ଅଗ୍ରିମ, ବନ୍ଧକ ଗ୍ରହଣ, ଲିଜ୍ ବ୍ୟବସାୟ, ନିଯୁକ୍ତି କ୍ରୟ, ବୀମା ବ୍ୟବସାୟ, ଚିଟ୍ ବ୍ୟବସାୟ ଇତ୍ୟାଦି ବ୍ୟବସାୟରେ ସଂପୃକ୍ତ । ସେଗୁଡ଼ିକ ବ୍ୟାଙ୍କଗୁଡ଼ିକଠାରୁ ଭିନ୍ନ, କାରଣ ସାଧାରଣତଃ ସେମାନେ ଡିମାଣ୍ଡ ଡିପୋଜିଟ୍ ଗ୍ରହଣ କରିପାରିବେ ନାହିଁ ଏବଂ ପୈଠ ଏବଂ ବୁଝାମଣା ବ୍ୟବସ୍ଥାର ଅଂଶ ହୋଇପାରିବେ ନାହିଁ ।

**ବିଜ୍‌ନେସ୍ କରେସପଣ୍ଡେଣ୍ଟ (ବିସି):** ବ୍ୟାଙ୍କଗୁଡ଼ିକ ସ୍ଥାନୀୟ ବ୍ୟକ୍ତିବିଶେଷ ଏବଂ ଅନ୍ୟମାନଙ୍କୁ ବ୍ୟାଙ୍କର ଏଜେଣ୍ଟ ଭାବରେ କାର୍ଯ୍ୟ କରିବା ପାଇଁ ବିସି ଭାବରେ ଅନୁମତି ଦେଇଥାଏ । ବିସି ହ୍ୟାଣ୍ଡହେଲ୍ଡ ମେସିନ୍, ସ୍ମାର୍ଟକାର୍ଡ ଆଧାରିତ ଡିଭାଇସ୍, ମୋବାଇଲ୍ ଫୋନ୍ ଇତ୍ୟାଦି ପରି ସୂଚନା ଏବଂ ଯୋଗାଯୋଗ କୌଶଳ (ଆଇସିଟି ଆଧାରିତ ଉପକରଣ ବ୍ୟବହାର କରନ୍ତି । ବିସି ହେଉଛି ଆମ ଦ୍ୱାର ଦେଶରେ ବ୍ୟାଙ୍କିଂ ସେବା ଯୋଗାଇ ଦେବାର ଏକ ଉପାୟ କାରଣ ବ୍ୟାଙ୍କ ଶାଖାଗୁଡ଼ିକ ଆମ ଅଞ୍ଚଳଠାରୁ ଦୂରରେ

## କ୍ରେଡିଟ୍ ଏବଂ ଡେବ୍ଟ ପରିଚାଳନା

ଅନେକ ଲୋକ ଗୋଟିଏ ଘର, କାର୍ କିଣିବା କିମ୍ବା ପିଲାଙ୍କ ଶିକ୍ଷା ନିମନ୍ତେ ଅର୍ଥ ଉଧାର ନେବା ଆବଶ୍ୟକ କରନ୍ତି । ଏହାକୁ କ୍ରେଡିଟ୍ କୁହାଯାଏ । ବିତ୍ତୀୟ ବିଶାରଦମାନେ ସାଧାରଣତଃ ଭଲ ଋଣ ଏବଂ ଖରାପ ଋଣ ମଧ୍ୟରେ ଫରକ୍ କରନ୍ତି । ଭଲ ଋଣ ହେଉଛି କୌଣସି ଜିନିଷରେ ଏକ ନିବେଶ ଯାହା ମୂଲ୍ୟ ସୃଷ୍ଟି କରିଥାଏ କିମ୍ବା ଦୀର୍ଘକାଳୀନ ଭିତ୍ତିରେ ଅଧିକ ସମ୍ପଦ ସୃଷ୍ଟି କରିଥାଏ । ଖରାପ ଋଣ ହେଉଛି ଏକ ଋଣ ଯାହାକି କିଛି କିଣିବା ପାଇଁ ନିଆଯାଇଛି ଯାହାର ମୂଲ୍ୟ ତୁରନ୍ତ କମ୍ ହୋଇଯାଏ ।

## ଡେବିଟ୍ କାର୍ଡ ବନାମ କ୍ରେଡିଟ୍ କାର୍ଡ




**କ୍ଷୁଦ୍ର ଅବଧି ଋଣ**
ଉଦାହରଣ: କାର୍ଯ୍ୟକାରୀ ପୁଞ୍ଜି, କ୍ରେଡିଟ୍ କାର୍ଡ

ଋଣ

**ମଧ୍ୟମ/ ଦୀର୍ଘ ଅବଧି ଋଣ**
ଉଦାହରଣ: ଗୃହ ଋଣ, ଔଦ୍ୟୋଗିକ ଋଣ

## କାର୍ଡ (କେସିସି)

- ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ନାବାର୍ଡ ଏକତ୍ର ଭାବରେ ନଗଦ ଋଣ ସୁବିଧା ସହଜରେ ପାଇବାରେ କୃଷକମାନଙ୍କୁ ସାହାଯ୍ୟ କରିବା ପାଇଁ କେସିସିର ଅବଧାରଣା ଆରମ୍ଭ କରିଥିଲେ।
- କୃଷକମାନେ ବିହନ, ଉର୍ବରକ ଏବଂ କୀଟନାଶକ ପରି କୃଷି ଆବଶ୍ୟକତା ତୁରନ୍ତ କିଣିବା ପାଇଁ କେସିସି ବ୍ୟବହାର କରିପାରିବେ । କେସିସି ଫସଲ ଚାଷ ପାଇଁ କ୍ଷୁଦ୍ର ଅବଧି ଏବଂ ସମୟାନୁବର୍ତ୍ତୀ ଋଣ ଆବଶ୍ୟକତାରେ ସାହାଯ୍ୟ କରିଥାଏ ।

### ଚେକ୍

ଚେକ୍ ହେଉଛି ଏକ ଦସ୍ତାବିଜ୍ ଯାହା ଏକ ବ୍ୟାଙ୍କ ଆକାଉଣ୍ଟରୁ ଅର୍ଥ ପୈଠ କରିବାର ନିର୍ଦ୍ଦେଶ ଦେଇଥାଏ ।




**<u>ସରକାରୀ ଋଣ ଯୋଜନାଗୁଡ଼ିକର ଉଦାହରଣଗୁଡ଼ିକ</u>**

**ବିଦ୍ୟାଲକ୍ଷ୍ମୀ ପୋର୍ଟାଲଗୁଡ଼ିକ ଜରିଆରେ ଶିକ୍ଷା ଋଣ**

- ଶିକ୍ଷା ଋଣ ପାଇବା ପାଇଁ ସହଜ ଏବଂ ଫଳପ୍ରଦ ବ୍ୟବସ୍ଥା ଯଦ୍ୱାରା କୌଣସି ଛାତ୍ର ଅର୍ଥ ଅଭାବରୁ ସେମାନଙ୍କର ଶିକ୍ଷାକୁ ଅଧାରେ ଛାଡ଼ିବେ ନାହିଁ
- ସାଧାରଣ ଶିକ୍ଷା ଋଣ ଆବେଦନ ଫର୍ମ ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ । ଏଠାକୁ ଯାଆନ୍ତୁ: www.vidyalakshmi.co.in

**ପ୍ରଧାନମନ୍ତ୍ରୀ ଆବାସ୍ ଯୋଜନା (ପିଏମ୍‌ଏୱାଇ)**

- ନିମ୍ନ ଆୟ ବର୍ଗ/ ଅର୍ଥନୈତିକ ଭାବରେ ଦୁର୍ବଳ ବିଭାଗ ଏବଂ ମଧ୍ୟମ ଆୟ ବର୍ଗ ନିମନ୍ତେ ଋଣ ସଂଯୁକ୍ତ ସବ୍‌ସିଡି ଯୋଜନା ।
- ବ୍ୟକ୍ତିବିଶେଷମାନେ ସବ୍‌ସିଡି ଗ୍ରହଣ ପାଇଁ ଉପଯୁକ୍ତ ଯେତେବେଳେ ସେମାନେ ସେମାନଙ୍କର ପ୍ରଥମ ଘର କିଣୁଛନ୍ତି କିମ୍ବା ଏହା ଏକ ନୂତନ ନିର୍ମାଣ ଏଠାରେ ଦେଖନ୍ତୁ: https://pmaymis.gov.in


**ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍‌ଏମ୍‌ୱାଇ)**

- କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକର ମାଲିକ କିମ୍ବା ଉଦ୍ୟୋଗୀଗୁଡ଼ିକ ପାଇଁ ବ୍ୟବସାୟ ଋଣ ପ୍ରଦାନ କରୁଥିବା ସରକାରୀ ଯୋଜନା
- ପ୍ରଦାନ କରାଯାଉଥିବା ଋଣ: ଗ୍ରହଣ କରାଯାଉଥିବା ଋଣ ପରିମାଣ ଉପରେ ନିର୍ଭର କରି ଶିଶୁ, କିଶୋର ଏବଂ ତରୁଣ
- ଆବଶ୍ୟକ ହେଉଥିବା ମୁଖ୍ୟ ଦସ୍ତାବିଜ୍: ପରିଚୟ ପ୍ରମାଣ, କ୍ରୟ କରାଯାଉଥିବା ସାମଗ୍ରୀର ଦାମ୍ ଏବଂ ବର୍ଗ ପ୍ରମାଣପତ୍ର ଏଠାରେ ଦେଖନ୍ତୁ: https://www.mudra.org.in

# ମଡ୍ୟୁଲ୍ 3

## ଡିଜିଟାଲ୍ ପେମେଣ୍ଟ୍ସ

ଡିଜିଟାଲ୍ ପେମେଣ୍ଟଗୁଡ଼ିକ ହେଉଛି ସେହି ଅର୍ଥ ପୈଠ ଯେଉଁଥିରେ ପ୍ରଦାନକାରୀ ଏବଂ ଗ୍ରହଣକାରୀ ଉଭୟେ ଅର୍ଥ ପ୍ରେରଣ ଏବଂ ଗ୍ରହଣ ପାଇଁ ବୈଦ୍ୟୁତିକ ମାଧ୍ୟମ ବ୍ୟବହାର କରନ୍ତି ।



### ଡିଜିଟାଲ୍ ପେମେଣ୍ଟସର ସୁବିଧାଗୁଡ଼ିକ

- ଦ୍ରୁତ, ସହଜ ଏବଂ ସୁବିଧାଜନକ ।
- ମିତବ୍ୟୟୀ ଏବଂ କମ୍ କାରବାର ଦେୟ ।
- କାରବାରର ଏକ ଡିଜିଟାଲ୍ ରେକର୍ଡ ପ୍ରଦାନ କରିଥାଏ ଯାହାକୁ ଗ୍ରାହକମାନେ ଦେଖିପାରିବେ ।
- ଯେ କୌଣସି ପ୍ରକାରର ପୈଠ ନିମନ୍ତେ ଏକକ ସମାଧାନ ପ୍ରଦାନ କରୁଥାଏ ।



**ଡିଜିଟାଲ୍ ପେମେଣ୍ଟରେ କ'ଣ କରିବେ ଏବଂ କ'ଣ ନ କରିବେ**

| କ'ଣ କରିବେ | କ'ଣ କରିବେ ନାହିଁ |
|---|---|
| ଆପଣଙ୍କ ମୋବାଇଲ୍ ଏବଂ କମ୍ପ୍ୟୁଟରରେ ପାସ୍‌ୱାର୍ଡ ବ୍ୟବହାର କରନ୍ତୁ ଯଦ୍ୱାରା ଅନ୍ୟ କେହି ଆପଣଙ୍କ ସିଷ୍ଟମ୍‌କୁ ଯାଇପାରିବେ ନାହିଁ | କେବେହେଲେ ଆପଣଙ୍କ ମୋବାଇଲ୍ ବ୍ୟାଙ୍କିଂ ଲଗ୍ ଇନ୍ ଆଇ.ଡି ଏବଂ ପାସ୍‌ୱାର୍ଡ ଫୋନ୍‌ରେ ସେଭ୍ କରନ୍ତୁ ନାହିଁ । ଏହାକୁ ମନେରଖନ୍ତୁ କିମ୍ବା ଅନ୍ୟ କୌଣସିଠାରେ ଲେଖି ରଖନ୍ତୁ |
| ସବୁ ସମୟରେ ନିୟମିତ ଭାବରେ ଆପଣଙ୍କ ବ୍ୟାଙ୍କର ନିରାପଦ ଇଣ୍ଟରନେଟ୍ ବ୍ୟାଙ୍କିଂ ସାଇଟ୍‌କୁ ଯାଆନ୍ତୁ | କେବେହେଲେ ଆପଣଙ୍କ ହ୍ୟାଣ୍ଡସେଟ୍‌କୁ ଛାଡ଼ି ଯାଆନ୍ତୁ ନାହିଁ ଏବଂ ଏକ ମୋବାଇଲ୍ ବ୍ୟାଙ୍କିଂ ଆପ୍‌ରେ ଲଗ୍‌ଇନ୍ କରିରଖନ୍ତୁ ନାହିଁ |
| ଆପଣଙ୍କ ନେଣଦେଣ ସମ୍ପୂର୍ଣ୍ଣ କରିସାରିବା ପରେ ତୁରନ୍ତ ଆପଣଙ୍କ ଇଣ୍ଟରନେଟ୍ ବ୍ୟାଙ୍କିଂ ଲଗ୍‌ଆଉଟ୍ କରନ୍ତୁ | ମୋବାଇଲ୍ ଜରିଆରେ ବିତ୍ତୀୟ ନେଣଦେଣ କରୁଥିବା ସମୟରେ କେବେହେଲେ ଆପଣଙ୍କ ଫୋନ୍ ଛାଡ଼ି ଯାଆନ୍ତୁ ନାହିଁ |
| ଯଦି ଆପଣ ଆପଣଙ୍କ ଆକାଉଣ୍ଟରେ ଅନଧିକୃତ ନେଣଦେଣ ସନ୍ଦେହ କରୁଛନ୍ତି ତୁରନ୍ତ ଆପଣଙ୍କ ବ୍ୟାଙ୍କକୁ ଏହା ଜଣାନ୍ତୁ | ବିଶ୍ୱାସଯୋଗ୍ୟ ହୋଇନଥିବା ଏବଂ ସନ୍ଦେହଜନକ ଉତ୍ସଗୁଡ଼ିକରୁ କେବେହେଲେ ଆପ୍ସ ଡାଉନ୍‌ଲୋଡ୍ କରନ୍ତୁ ନାହିଁ |

### ଡିଜିଟାଲ୍ ପେମେଣ୍ଟ ପଦ୍ଧତିଗୁଡ଼ିକ

ନଗଦବିହିନ ନେଣଦେଣକୁ ପ୍ରୋତ୍ସାହିତ କରିବା ଏବଂ ଭାରତକୁ ନିମ୍ନ ନଗଦ ସମାଜରେ ପରିବର୍ତ୍ତନ କରିବା ପାଇଁ ଡିଜିଟାଲ୍ ପେମେଣ୍ଟସର ଭିନ୍ନ ଭିନ୍ନ ପଦ୍ଧତି ଉପଲବ୍ଧ ।

(ସୌଜନ୍ୟ: www.cashlessindia.gov.in)

| | |
|---|---|
| ବ୍ୟାଙ୍କିଂ କାର୍ଡସ  | ବ୍ୟାଙ୍କ ପ୍ରିପେଡ୍ କାର୍ଡସ  |
| ଇଣ୍ଟରନେଟ୍ ବ୍ୟାଙ୍କିଂ  | ପଏଣ୍ଟ ଅଫ୍ ସେଲ୍  |
| ମୋବାଇଲ୍ ବ୍ୟାଙ୍କିଂ  | ଅନ୍‌ଷ୍ଟ୍ରକ୍‌ଚର ସପ୍ଲିମେଣ୍ଟାରୀ ସର୍ଭିସ୍ ଡାଟା (ୟୁଏସ୍ଏସ୍‌ଡି)  |
| ମାଇକ୍ରୋ ଏଟିଏମ୍‌ଏସ୍  | ଆଧାର ଏନେବୁଲ୍ ପେମେଣ୍ଟ ସିଷ୍ଟମ୍‌ସ (ଏଇପିଏସ୍)  |
| ମୋବାଇଲ୍ ୱାଲେଟ୍‌ସ  | ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)  |

### ବ୍ୟାଙ୍କି

ଅନଲାଇନ୍ ବ୍ୟାଙ୍କିଂ, ଇ-ବ୍ୟାଙ୍କିଂ କିମ୍ବା ଭର୍ଚୁଆଲ୍ ବ୍ୟାଙ୍କିଂ ଭାବରେ ମଧ୍ୟ ଜଣାଶୁଣା ଇଣ୍ଟରନେଟ୍ ବ୍ୟାଙ୍କିଂ, ହେଉଛି ଏକ ଇଲେକ୍ଟ୍ରୋନିକ୍ ପେମେଣ୍ଟ ସିଷ୍ଟମ୍ ବା ବୈଦ୍ୟୁତିକ ପୈଠ ବ୍ୟବସ୍ଥା ଯାହା ଗୋଟିଏ **ବ୍ୟାଙ୍କ୍** କିମ୍ବା ଅନ୍ୟ ବିତ୍ତୀୟ ଅନୁଷ୍ଠାନଗୁଡ଼ିକର ଗ୍ରାହକମାନଙ୍କୁ ସେହି ବିତ୍ତୀୟ ଅନୁଷ୍ଠାନର ୱେବ୍‌ସାଇଟ୍ ଜରିଆରେ ବିଭିନ୍ନ ପ୍ରକାର ବିତ୍ତୀୟ ନେଣଦେଣକୁ ପରିଚାଳନା କରିଥାଏ । ବିଭିନ୍ନ ପ୍ରକାରର ନେଣଦେଣ ହେଉଛି:

**ନ୍ୟାସନାଲ୍ ଇଲେକ୍ଟ୍ରୋନିକ୍ ଫଣ୍ଡ ଟ୍ରାନ୍ସଫର୍ (ଏନ୍.ଇ.ଏଫ୍.ଟି)**

ଗୋଟିଏ ବ୍ୟାଙ୍କ ଆକାଉଣ୍ଟରୁ ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ହିତାଧିକାରୀଙ୍କ ଆକାଉଣ୍ଟ ନମ୍ବର ଏବଂ ଆଇଏଫ୍ଏସ୍‌ସି (ଇଣ୍ଡିଆନ୍ ଫିନାନ୍‌ସିଆଲ୍ ସିଷ୍ଟମ୍ କୋଡ୍) ବ୍ୟବହାର କରି ଅର୍ଥ ସ୍ଥାନାନ୍ତର କରିବା ।

ସର୍ବନିମ୍ନ ସୀମା: କୌଣସି ସୀମା ନାହିଁ    ସର୍ବାଧିକ ସୀମା: କୌଣସି ସୀମା ନାହିଁ

**ରିଏଲ୍ ଟାଇମ୍ ଗ୍ରସ୍ ସେଟଲମେଣ୍ଟ (ଆର୍.ଟି.ଜି.ଏସ୍)**

ଏକ ବାସ୍ତବ ସମୟ ଆଧାରରେ ଉଚ୍ଚ ମୂଲ୍ୟ ନେଣଦେଣକୁ ହିତାଧିକାରୀଙ୍କ ଆକାଉଣ୍ଟ ନମ୍ବର ଏବଂ ଆଇଏଫ୍ଏସ୍‌ସି କୋଡ୍ ବ୍ୟବହାର କରି ଗୋଟିଏ ବ୍ୟାଙ୍କ ଆକାଉଣ୍ଟରୁ ଅନ୍ୟ ବ୍ୟାଙ୍କର ଏକ ଭିନ୍ନ ଆକାଉଣ୍ଟକୁ ଅର୍ଥ ସ୍ଥାନାନ୍ତର କରିବା ।

ସର୍ବନିମ୍ନ ସୀମା: ୨ ଲକ୍ଷ    ସର୍ବାଧିକ ସୀମା: କୌଣସି ସୀମା ନାହିଁ

**ଇମିଡିଏଟ୍ ପେମେଣ୍ଟ ସର୍ଭିସ୍ (ଆଇ.ଏମ୍.ପି.ଏସ୍)**

ତତ୍କାଳ ପାଣ୍ଠି ସ୍ଥାନାନ୍ତର ସୁବିଧାଜନକ କରି ଗୋଟିଏ ବ୍ୟାଙ୍କ ଆକାଉଣ୍ଟରୁ ଅନ୍ୟଟିକୁ ପାଣ୍ଠି ସ୍ଥାନାନ୍ତର । ମୋବାଇଲ୍ ଜରିଆରେ ପାଣ୍ଠି ସ୍ଥାନାନ୍ତର ପାଇଁ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ମୋବାଇଲ୍ ମନି ଆଇଡେଣ୍ଟିଫାୟର୍ (ଏମ୍‌ଏମ୍‌ଆଇଡି) ଆବଶ୍ୟକ । ନେଣଦେଣ ହିତାଧିକାରୀଙ୍କ ଆକାଉଣ୍ଟ ନମ୍ବର ଏବଂ ଆଇଏଫ୍ଏସ୍‌ସି କୋଡ୍ ଦ୍ୱାରା କରାଯାଇପାରେ ।

ଆଇ.ଏମ୍.ପି.ଏସ୍,, ଏନ୍.ଇ.ଏଫ୍.ଟି ଏବଂ ଆର୍.ଟି.ଜି.ଏସ୍ ଗୁଡ଼ିକ ୨୪ x ୭ରେ ଉପଲବ୍ଧ

## ମୋବାଇଲ୍ ବ୍ୟାଙ୍କିଂ

ମୋବାଇଲ୍ ବ୍ୟାଙ୍କିଂ ହେଉଛି ଏକ ସେବା ଯାହା ଏକ ବ୍ୟାଙ୍କ କିମ୍ବା ଅନ୍ୟ ବିତ୍ତୀୟ ଅନୁଷ୍ଠାନ ଦ୍ୱାରା ଯୋଗାଇ ଦିଆଯାଇଥାଏ ଯାହା ଏହାର ଗ୍ରାହକମାନଙ୍କୁ ଏକ ମୋବାଇଲ୍ ଫୋନ୍ କିମ୍ବା ଟାବଲେଟ୍ ପରି ଭ୍ରାମ୍ୟମାଣ ଉପକରଣ ବ୍ୟବହାର କରି ଦୂରନ୍ତ ଭାବରେ ବିଭିନ୍ନ ପ୍ରକାର ବିତ୍ତୀୟ ନେଣଦେଣ ପରିଚାଳନା କରିବାକୁ ଅନୁମତି ଦେଇଥାଏ

## ମୋବାଇଲ୍ ୱାଲେଟ୍ସ

ମୋବାଇଲ୍ ୱାଲେଟ୍ ହେଉଛି ଡିଜିଟାଲ୍ ସ୍ୱରୂପରେ ନଗଦ ଅର୍ଥ ନେବା ଆଣିବା କରିବାର ଏକ ଉପାୟ । ଜଣେ ବ୍ୟକ୍ତିବିଶେଷଙ୍କର ଆକାଉଣ୍ଟ ଏଥିରେ ଅର୍ଥ ଭରିବା ପାଇଁ ଡିଜିଟାଲ୍ ୱାଲେଟ୍ ସହିତ ସଂଯୁକ୍ତ ହେବା ଆବଶ୍ୟକ । ଅଧିକାଂଶ ବ୍ୟାଙ୍କ ଏବଂ କେତେକ ଘରୋଇ କମ୍ପାନୀର ନିଜସ୍ୱ ଇୱାଲେଟ୍ ରହିଛି । ଯଥା ପେଟିଏମ୍, ଫ୍ରିଚାର୍ଜ, ମୋବିକ୍ୱିକ୍, ଅକ୍ସିଜେନ୍, ଏୟାର୍‌ଟେଲ୍ ମନି ଇତ୍ୟାଦିର

## ପଏଣ୍ଟ୍ ଅଫ୍ ସେଲ୍

ଏକ ପଏଣ୍ଟ୍ ଅଫ୍ ସେଲ୍ (ପିଓଏସ୍) ହେଉଛି ଏକ ସ୍ଥାନ ଯେଉଁଠାରେ ବିକ୍ରୟ ହୋଇଥାଏ। ଏକ ସ୍ଥୂଳ ସ୍ତରରେ ଏକ ପିଓଏସ୍ ହୁଏତ ଏକ ମଲ୍, ଏକ ମାର୍କେଟ୍ କିମ୍ବା ସହର ହୋଇପାରେ । ସୂକ୍ଷ୍ମ ସ୍ତରରେ ଖୁଚୁରା ବିକ୍ରେତାମାନେ ଗୋଟିଏ ପିଓଏସ୍‌କୁ ଏପରି କ୍ଷେତ୍ର ଭାବରେ ବିବେଚନା କରନ୍ତି ଯେଉଁଠାରେ ଜଣେ ଗ୍ରାହକ ଏକ କାରବାର ସମ୍ପୂର୍ଣ୍ଣ କରନ୍ତି ଯେମିତିକି ଚେକ୍‌ଆଉଟ୍ କାଉଣ୍ଟର । ଏହା ମଧ ଏକ ପଏଣ୍ଟ୍ ଅଫ୍ ପର୍ଚେଜ୍ ଭାବରେ ଜଣାଶୁଣା ।

## ମାଇକ୍ରୋ ଏଟିଏମ୍‌ଏସ୍

ମାଇକ୍ରୋ ଏଟିଏମ୍ ହେଉଛି ଏକ ଉପକରଣ ଯାହା ବିଜ୍‌ନେସ୍ କରେନ୍‌ସପଣ୍ଡେନ୍ସ (ବିସି) ମାନଙ୍କ ଦ୍ୱାରା ମୌଳିକ ବ୍ୟାଙ୍କିଂ ସେବା ପ୍ରଦାନ ପାଇଁ ବ୍ୟବହୃତ ହୋଇଥାଏ । ଏହି ପ୍ଲାଟଫର୍ମ ବିଜ୍‌ନେସ୍ କରେସ୍ପଣ୍ଡେନ୍ସମାନଙ୍କୁ (ଯିଏକି ଜଣେ ସ୍ଥାନୀୟ ଖୁଚୁରା ଦୋକାନୀ ମାଲିକ ହୋଇପାରନ୍ତି ଏବଂ 'ମାଇକ୍ରୋ ଏଟିଏମ୍' ଭାବରେ କାର୍ଯ୍ୟ କରିବେ) ସକ୍ଷମ କରିବ ତତ୍କାଳ ନେଣଦେଣ ପରିଚାଳନା କରିବା ପାଇଁ ।

## ଆଧାର ଏନେବୁଲ୍ ପେମେଣ୍ଟ ସିଷ୍ଟମ୍ସ (ଏଇ.ପି.ଏସ୍)

ଏଇପିଏସ୍ ହେଉଛି ଏକ ବ୍ୟାଙ୍କ ଚାଳିତ ମଡେଲ୍ ଯାହା ବିଜ୍‌ନେସ୍ କରେସ୍ପଣ୍ଡେନ୍ସ (ବିସି)/ ଆଧାର ପ୍ରମାଣିକରଣ ବ୍ୟବହାର କରୁଥିବା ଯେ କୌଣସି ବ୍ୟାଙ୍କର ବ୍ୟାଙ୍କ ମିତ୍ରଙ୍କ ଜରିଆରେ ପିଓଏସ୍ (ପଏଣ୍ଟ ଅଫ୍ ସେଲ୍/ ମାଇକ୍ରୋ ଏଟିଏମ୍)ଠାରେ ଅନ୍‌ଲାଇନ୍ ଆନ୍ତଃ କାର୍ଯ୍ୟକ୍ଷମଯୋଗ୍ୟ ବିତ୍ତୀୟ ନେଣଦେଣକୁ ଅନୁମତି ଦେଇଥାଏ ।




## ଅନ୍‌ଷ୍ଟ୍ରକ୍‌ଚର ସପ୍ଲିମେଣ୍ଟାରୀ ସର୍ଭିସ୍ ଡାଟା (ୟୁ.ଏସ୍.ଏସ୍.ଡି)

ଏହି ନୂତନ ଅର୍ଥ ପୈଠ ସେବା ***99#** ଅନ୍‌ଷ୍ଟ୍ରକ୍ଚର ସପ୍ଲିମେଣ୍ଟାରୀ ସର୍ଭିସ୍ ଡାଟା (ୟୁଏସ୍‌ଏସ୍‌ଡି) ଚ୍ୟାନେଲ୍‌ରେ କାର୍ଯ୍ୟ କରିଥାଏ । ଏହି ସେବା ମୌଳିକ ବୈଶିଷ୍ଟ୍ୟ ବିଶିଷ୍ଟ ମୋବାଇଲ୍ ଫୋନ୍ ବ୍ୟବହାର କରି ମୋବାଇଲ୍ ବ୍ୟାଙ୍କିଂ ନେଣଦେଣକୁ ଅନୁମତି ଦେଇଥାଏ, ୟୁଏସ୍‌ଏସ୍‌ଡି ଆଧାରିତ ମୋବାଇଲ୍ ବ୍ୟାଙ୍କିଂ ବ୍ୟବହାର ନିମନ୍ତେ ମୋବାଇଲ୍ ଇଣ୍ଟରନେଟ୍ ଡାଟା ସୁବିଧାର କୌଣସି ଆବଶ୍ୟକତା ନାହିଁ । ଏହା ବିତ୍ତୀୟ ଗଭିରତ୍ୱ ପ୍ରଦାନ କରିବା ପାଇଁ ଏବଂ ବ୍ୟାଙ୍କ ସେବାରେ ନିମ୍ନ ସଂପୃକ୍ତି ଥିବା ସମାଜକୁ ମୁଖ୍ୟ ଧାରା ବ୍ୟାଙ୍କିଂ ସେବାରେ ସାମିଲ୍ କରିବା ପାଇଁ ପରିକଳ୍ପିତ ।

## ଅନ୍‌ଷ୍ଟ୍ରକ୍‌ଚର ସପ୍ଲିମେଣ୍ଟାରୀ ସର୍ଭିସ୍ ଡାଟା (ୟୁ.ଏସ୍.ଏସ୍.ଡି)

ଏହା ଏକ ବ୍ୟବସ୍ଥା ଯାହା ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଗୋଟିଏ ଏକକ ମୋବାଇଲ୍ ଆପ୍ଲିକେସନ୍ ଦ୍ୱାରା ଚାଳିତ କରିଥାଏ, ବିଭିନ୍ନ ବ୍ୟାଙ୍କିଂ ବୈଶିଷ୍ଟ୍ୟକୁ ଏକତ୍ର କରିଥାଏ । ନିରନ୍ତର ଭାବରେ ପାଣ୍ଠି ଉପଯୋଗ ଏବଂ ଗୋଟିଏ ସ୍ଥାନରେ ବ୍ୟବସାୟିକ ପୈଠ କରାଇଥାଏ।

ଏହି ବ୍ୟବସ୍ଥାରେ ନେଣଦେଣଗୁଡ଼ିକ ଭିପିଏ (ଭର୍ଚୁଆଲ୍ ପେମେଣ୍ଟ ଆଡ୍ରେସ୍) ବ୍ୟବହାର କରି ଯେ କୌଣସି ସ୍ମାର୍ଟଫୋନ୍ ଜରିଆରେ କରାଯାଇପାରେ, ବାସ୍ତବ ସମୟ ଆଧାରରେ ୨୪ x ୭ ସ୍ଥାନାନ୍ତରକୁ ସୁବିଧାଜନକ କରିଥାଏ । ଏଥିପାଇଁ ଜଣକୁ ୟୁପିଆଇ ସମର୍ଥିତ ବ୍ୟାଙ୍କ ଆପ୍ ଡାଉନ୍‌ଲୋଡ୍ କରିବା ଏବଂ ବ୍ୟାଙ୍କ ବିବରଣୀ ବ୍ୟବହାର କରି ଲଗ୍‌ଇନ୍ କରିବାକୁ ହୋଇଥାଏ ।

ୟୁପିଆଇ ଚୂଡ଼ାନ୍ତ ଉପଭୋକ୍ତାଙ୍କୁ ଲାଭ ଦେଇଥାଏ:

- ଗୋପନୀୟତା – କେବଳ ଭର୍ଚୁଆଲ୍ ପେମେଣ୍ଟ ଆଡ୍ରେସ୍ ବିନିମୟ କରିଥାଏ ଏବଂ ଅନ୍ୟ କୌଣସି ସମ୍ବେଦନଶୀଳ ସୂଚନା ନୁହେଁ
- ବହୁ ଉପଯୋଗୀ – କ୍ୟାସ୍ ଅନ୍ ଡେଲିଭରି/ ବିଲ୍ ସ୍ପ୍ଲିଟ୍ ସେୟାରିଂ/ ମର୍ଚାଣ୍ଟ ପେମେଣ୍ଟ/ ରେମିଟାନ୍ସ
- ଗୋଟିଏ କ୍ଲିକ୍ ୨ ଏଫ୍‌ଏ – କେବଳ ପିନ୍ ଭରିବା ଦ୍ୱାରା ନେଣଦେଣକୁ ଅଧିକୃତ କରିଥାଏ
- ବିଭିନ୍ନ ଇଣ୍ଟରଫେସ୍‌ରେ କାର୍ଯ୍ୟ କରିଥାଏ – ପୈଠ ଅନୁରୋଧ ମୋବାଇଲ୍ ଇଣ୍ଟରଫେସ୍ (ଆପ୍)ରେ ଅଧିସ୍ୱୀକୃତ ୱେବ୍ ଇଣ୍ଟରଫେସ୍‌ରେ ସୃଷ୍ଟି ହୋଇଥାଏ ।
- ଉପଲବ୍ଧତା ୨୪ x ୭ ଏବଂ ଗ୍ରାହକମାନେ ଏହି ନେଣଦେଣ ସେମାନଙ୍କ ବ୍ୟକ୍ତିଗତ ଡିଭାଇସରେ କରିଥା'ନ୍ତି ।

  ଅଧିକ ସୂଚନା ପାଇଁ ଏହି ଲିଙ୍କ୍ ଦେଖନ୍ତୁ:
  https://www.npci.org.in/product-overview/upi-product-overview

## ୟୁପିଆଇ ୨.୦




ଏହା ୟୁପିଆଇ ବ୍ୟବସ୍ଥାର ଏକ ନୂତନ ସଂସ୍କରଣ ଯାହା ଉପଭୋକ୍ତାଙ୍କୁ ସେମାନଙ୍କର ଓଭରଡ୍ରାଫ୍ଟ ଆକାଉଣ୍ଟକୁ ଏକ ୟୁପିଆଇ ହ୍ୟାଣ୍ଡେଲ୍ ସହିତ ଲିଙ୍କ୍ କରିବାକୁ ସକ୍ଷମ କରିଥାଏ।

ଉପଭୋକ୍ତାମାନେ ମଧ ନିର୍ଦ୍ଦିଷ୍ଟ ମର୍ଚାଣ୍ଟଙ୍କ ପାଇଁ ଏକ ଅଧିକୃତ ପତ୍ର ଜାରି କରିବା ଦ୍ୱାରା ନେଣଦେଣକୁ ପ୍ରାକ୍ ଅଧିକୃତ କରିବାକୁ ସକ୍ଷମ ହୁଅନ୍ତି ।

ୟୁପିଆଇ ୨.୦ ସଂସ୍କରଣ ନେଣଦେଣଗୁଡ଼ିକର ଇନ୍‌ଭଏସ୍ ଦେଖିବା ଏବଂ ସାଇତି ରଖିବା ପାଇଁ ଏକ ବ୍ୟବସ୍ଥା ସାମିଲ୍ କରିଛି ।

# ମଡ୍ୟୁଲ୍ 4

# ବୀମା

କେହି ଏକ ଦୁର୍ଘଟଣା କିମ୍ବା ଗୁରୁତର ଅସୁସ୍ଥତା ପାଇଁ ଯୋଜନା କରିପାରିବେ ନାହିଁ । ଆପଣଙ୍କଠାରେ ଏସବୁ ଜିନିଷ ଘଟିବାର ସମ୍ଭାବନା ହୁଏତ ଖୁବ୍ କମ୍ । ତେଣୁ ଅନେକ ଲୋକ ସେମାନେ ଯେଉଁ ବୀମା କ୍ରୟ କରିବା ଉଚିତ୍ ତାହା କିଣନ୍ତି ନାହିଁ । କିନ୍ତୁ ଦୁର୍ଘଟଣା ଘଟିଥାଏ । ଯେତେବେଳେ କେବଳ ଏହି ଘଟଣାଟି ଘଟେ ଆମେ ଅନୁଭବ କରୁ ଯେ ଆମେ ସୁରକ୍ଷା ପାଇଁ ବୀମା ସୁରକ୍ଷା ନେବା ଉଚିତ୍ ହୋଇଥା'ନ୍ତା । ବୀମା ହେଉଛି ବିତ୍ତୀୟ କ୍ଷତିରୁ ସୁରକ୍ଷା ଦେବାର ଏକ ଉପାୟ ଏବଂ ଏକ ଆକସ୍ମିକ କିମ୍ବା ଅନିଶ୍ଚିତ କ୍ଷତିର ବିପଦ ବିପକ୍ଷରେ ସୁରକ୍ଷା ପାଇଁ ଜାରି କରାଯାଇଥାଏ ।




ବୀମା ସାଧାରଣ ଭାବରେ ଦୁଇଟି ଶ୍ରେଣୀରେ ବର୍ଗୀକୃତ କରାଯାଇପାରେ:

1. ଜୀବନ ବୀମା
2. ସାଧାରଣ ବୀମା

## 1. ଜୀବନ ବୀମା

ଜୀବନ ବୀମା ଆପଣଙ୍କ ମୃତ୍ୟୁ କ୍ଷେତ୍ରରେ ଆପଣଙ୍କ ହିତାଧିକାରୀଙ୍କୁ ଏକ ବିତ୍ତୀୟ ପେଁଠ ଯୋଗାଇ ଦେଇଥାଏ । ଯେତେବେଳେ ଆପଣ ଏକ ଜୀବନ ବୀମା ପଲିସି କ୍ରୟ କରନ୍ତି, ଆପଣ ଜଣେ ହିତାଧିକାରୀଙ୍କୁ ନାମିତ କରନ୍ତି । ସାଧାରଣ ଭାବରେ ଏପରି ଏକ ବୀମା କ୍ରୟ କରିବାକୁ ଅନୁମୋଦନ କରାଯାଏ ଯାହା ଆପଣଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ଆପଣଙ୍କ ବାର୍ଷିକ ଆୟର ୭ରୁ ୧୦ ଗୁଣ ମୂଲ୍ୟ ଭରଣା କରିବ ।

**ଜୀବନ ବୀମା ପ୍ରକାରଗୁଡ଼ିକ**

**ଟର୍ମ ଇନ୍ସ୍ୟୁରାନ୍ସ:** ଏହା ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ପାଇଁ ସକ୍ରିୟ ରହିବ ଏବଂ ପଲିସି ଅବଧି ମଧ୍ୟରେ ଜୀବନ ସହ ସମ୍ପର୍କିତ କୌଣସି ଦୁର୍ଘଟଣାପୂର୍ଣ୍ଣ ଘଟଣା କ୍ଷେତ୍ରରେ ଆପଣଙ୍କ ନୋମିନି 'ବୀମାକୃତ ଅର୍ଥ' ଗ୍ରହଣ କରିବେ । ଯଦିଓ ପ୍ରିମିୟମ୍ ଉପରେ କୌଣସି ଲାଭ ପ୍ରଦାନ କରାଯିବ ନାହିଁ କିନ୍ତୁ ଏହା ସର୍ବୋତ୍ତମ ବିପଦ ସମାଧାନ ଯୋଗାଇଥାଏ ।

**ଏଣ୍ଡୋମେଣ୍ଟ ଇନ୍ସ୍ୟୁରାନ୍ସ:** ଏକ ଜୀବନ ବୀମା ଚୁକ୍ତି ଯାହା ନିର୍ଦ୍ଦିଷ୍ଟ ଅବଧି ପରେ କିମ୍ବା ମୃତ୍ୟୁ କ୍ଷେତ୍ରରେ ଏକ ବିପୁଳ ରାଶି ପ୍ରଦାନ କରିବା ପାଇଁ ପରିକଳ୍ପିତ । ସାଧାରଣ ଭାବରେ ଦଶ, ପନ୍ଦର କିମ୍ବା କୋଡ଼ିଏ ବର୍ଷରେ ଏକ ନିର୍ଦ୍ଦିଷ୍ଟ ବୟସ ସୀମା ପର୍ଯ୍ୟନ୍ତ ପରିପକ୍ୱତା ରହିଛି ।

**ହୋଲ୍ ଲାଇଫ୍:** ସ୍ଥାୟୀ ଜୀବନ ବୀମା ପ୍ରକାରଗୁଡ଼ିକ ଯାହା ଆପଣ ପ୍ରିମିୟମ୍ ପେଁଠ କରୁଥିବା ପର୍ଯ୍ୟନ୍ତ ପ୍ରଭାବୀ ରହିଥାଏ ।

**ୟୁନିଟ୍ ଲିଙ୍କଡ୍ ଇନ୍ସ୍ୟୁରାନ୍ସ:** ବୀମା ଏକ ନିବେଶ ସାଧନର ମିଶ୍ରଣ, ପଲିସିଧାରକଙ୍କ ଦ୍ୱାରା ପେଁଠ କରାଯାଉଥିବା ପ୍ରିମିୟମ୍‌ର ଏକ ଭାଗ ବୀମା ସୁରକ୍ଷା ପ୍ରଦାନ କରିବା ପାଇଁ ଉପଯୋଗ କରାଯାଏ ଏବଂ ଅବଶିଷ୍ଟ ଅଂଶ ଇକ୍ୱିଟି ଏବଂ ଋଣ ସାଧନଗୁଡ଼ିକରେ ନିବେଶ କରାଯାଏ

## 2. ସାଧାରଣ ବୀମା

ଏହି ଉତ୍ପାଦଗୁଡ଼ିକ ଏପରି ପଲିସିକୁ ସାମିଲ୍ କରେ ଯାହା ପ୍ରତ୍ୟକ୍ଷ ଭାବରେ ବ୍ୟକ୍ତିବିଶେଷଙ୍କ ଜୀବନ ସହ ସଂପୃକ୍ତ ନୁହେଁ । ଏପରି ପଲିସିଗୁଡ଼ିକ ପଲିସିଧାରକଙ୍କୁ ସମ୍ପତ୍ତି ଏବଂ ସ୍ୱାସ୍ଥ୍ୟ ବିପଦ ବିପକ୍ଷରେ ବୀମା ସୁରକ୍ଷା ପ୍ରଦାନ କରିଥାଏ।

### i) ସ୍ୱାସ୍ଥ୍ୟ ବୀମା



ନିକଟ ଅତୀତରେ ଚିକିତ୍ସା ଖର୍ଚ୍ଚ ବହୁଗୁଣିତ ହୋଇଛି । ଜଣେ ଡାକ୍ତରଙ୍କୁ ସାଧାରଣ ଭାବରେ ଦେଖାଇବାର ଖର୍ଚ୍ଚ ଆପଣ ରହୁଥିବା ସ୍ଥାନ ଉପରେ ନିର୍ଭର କରି ୩୦୦ରୁ ୩୦୦୦ ଟଙ୍କା ମଧ୍ୟରେ ପହଞ୍ଚିଯାଇଛି । ଯଦି ଆପଣଙ୍କର ଚିକିତ୍ସା ଡାକ୍ତରଖାନାରେ କେଇ ଦିନ ରହଣି ଆବଶ୍ୟକ କରେ ତେବେ ଆପଣଙ୍କୁ ଏକ ବୃହତ୍ ପରିମାଣର ଡାକ୍ତରଖାନା ବିଲ୍ ଦେବାକୁ ହେବ ଯାହା ଆପଣଙ୍କ ସଞ୍ଚୟକୁ ଗୁରୁତର ଭାବରେ ପ୍ରଭାବିତ କରିପାରେ । ଏପରି ବିତ୍ତୀୟ ଆଘାତକୁ ଏଡ଼ାଇବା ପାଇଁ ଆମେ ନିଜକୁ ବୀମା କରାଇବା ଆବଶ୍ୟକ । ପ୍ରତ୍ୟେକ ବୀମା କମ୍ପାନୀ ଏକ ମେଡିକାଲ୍ ଇନ୍ସ୍ୟୁରାନ୍ସ ପ୍ଲାନ୍ ପ୍ରଦାନ କରନ୍ତି ଯାହା ଡାକ୍ତରଖାନା ରହଣିର ଖର୍ଚ୍ଚ ସମେତ ମୌଳିକ ଚିକିତ୍ସା ସେବାକୁ ପରିସରଭୁକ୍ତ କରିଥାଏ ।

### ii) ଅଣ-ସ୍ୱାସ୍ଥ୍ୟ ବୀମା




#### a) ଯାନବାହନ/ ମୋଟର ବୀମା

ଯାନବାହନ ବୀମା (ମୋଟର ଇନ୍ସ୍ୟୁରାନ୍ସ/ କାର୍ ଇନ୍ସ୍ୟୁରାନ୍ସ/ ଅଟୋ ଇନ୍ସ୍ୟୁରାନ୍ସ ଭାବରେ ମଧ୍ୟ ଜଣାଶୁଣା) ହେଉଛି ଏକ ବୀମା ଯାହାକି ରାସ୍ତାରେ ଯାତାୟତ କରୁଥିବା ଯାନବାହନ ପାଇଁ କ୍ରୟ କରାଯାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯାନବାହନର ମାଲିକଙ୍କୁ କୌଣସି ଆଇନଗତ ଦାୟିତ୍ୱର ବିପଦ ଏବଂ/କିମ୍ବା ଯାନର ଦୁର୍ଘଟଣାଗତ କ୍ଷତି ବିପକ୍ଷରେ ସୁରକ୍ଷା ପ୍ରଦାନ କରିବା । ଯାନବାହନ ବୀମା ନିମନ୍ତେ ସୁରକ୍ଷା ଦୁଇ ପ୍ରକାରର:

**ମୋଟର ଥାର୍ଡ ପାର୍ଟି (ଟିପି) ଲାଏବିଲିଟି ଇନ୍ସ୍ୟୁରାନ୍ସ:** ଥାର୍ଡ ପାର୍ଟି ଇନ୍ସ୍ୟୁରାନ୍ସ ହେଉଛି ଏକ ବୈଧାନିକ ଆବଶ୍ୟକତା ଏବଂ ସଡ଼କରେ ଚଳାଚଳ କରୁଥିବା ପ୍ରତ୍ୟେକ ଯାନ ବାଧ୍ୟତାମୂଳକ ଭାବରେ ଏହି ବୀମା ଲାଭ କରିବେ । ଯାନର ମାଲିକ ଆଇନଗତ ଭାବରେ ସାର୍ବଜନିନ ସ୍ଥାନରେ ଯାନର ବ୍ୟବହାର କାରଣରୁ ସୃଷ୍ଟି ହୋଇଥିବା କିମ୍ବା ଉତ୍ପନ୍ନ ହୋଇଥିବା ତୃତୀୟ ପକ୍ଷ ଜୀବନ କିମ୍ବା ସମ୍ପତ୍ତିକୁ କୌଣସି ଆଘାତ କିମ୍ବା କ୍ଷତି ପାଇଁ ଦାୟୀ । ବୀମା ବିନା ସାର୍ବଜନିନ ସ୍ଥାନରେ ଏକ ମୋଟର ଯାନ ଚଳାଇବା ହେଉଛି ଏକ ଦଣ୍ଡନୀୟ ଅପରାଧ । ଏହି ବୀମା ପଲିସି ବୀମାଭୁକ୍ତ ହୋଇଥିବା ବ୍ୟକ୍ତି ଆଇନଗତ ଭାବରେ ଦାୟୀ ହୋଇଥିବା ବିଚାର କରାଯାଇଥିବା ଏକ ଦୁର୍ଘଟଣା କାରଣରୁ ଅନ୍ୟ କାହାର ସମ୍ପତ୍ତିରେ ହୋଇଥିବା କ୍ଷତି କିମ୍ବା ଆଘାତ, କିମ୍ବା ଅନ୍ୟ ବ୍ୟକ୍ତିବିଶେଷଙ୍କର ମୃତ୍ୟୁକୁ ସୁରକ୍ଷା ପରିସରଭୁକ୍ତ କରେ ।

**ମୋଟର ଓନ୍ ଡାମେଜ୍ (ଓଡ଼ି) ଇନ୍ସ୍ୟୁରାନ୍ସ କଭର:** ଏହା ବୀମାଭୁକ୍ତ ଯାନ ପ୍ରତି ହୋଇଥିବା ଦୁର୍ଘଟଣାଗତ କ୍ଷତିକୁ ପରିସରଭୁକ୍ତ କରିଥାଏ ।

କେତେକ ପଲିସି ରହିଛି ଯେଉଁଥିରେ ଉପରୋକ୍ତ ମଧ୍ୟରୁ ଗୋଟିଏ କିମ୍ବା ଉଭୟ ସୁରକ୍ଷା ପରିସରଭୁକ୍ତ ହୋଇଥାଏ । କ'ଣ ପରିସରଭୁକ୍ତ ହୋଇଛି ତାହା ବୁଝିବା ପାଇଁ ଆପଣ ପଲିସିକୁ ପରୀକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ ।

## b) ସମ୍ପତ୍ତି ବୀମା

**ସମ୍ପତ୍ତି ବୀମା ହେଉଛି** ସାଧାରଣ ବୀମାର ଏକ ବିଶାଳ ଶ୍ରେଣୀ ଏବଂ ଆପଣ କେଉଁ ପ୍ରକାରର ସୁରକ୍ଷା ଚାହୁଁଛନ୍ତି ତାହା ଆପଣ କେଉଁ ପ୍ରକାରର ସମ୍ପତ୍ତି ପରିସରଭୁକ୍ତ କରିବାକୁ ଚାହୁଁଛନ୍ତି ତାହା ଉପରେ ନିର୍ଭର କରେ । ସବୁଠାରୁ ଲୋକପ୍ରିୟ ସମ୍ପତ୍ତି ବୀମା ହେଉଛି ସାଧାରଣ ଅଗ୍ନି ବୀମା ପଲିସି ଏବଂ ଏହା ଅଗ୍ନିକାଣ୍ଡ ଏବଂ ତତ୍ ସଦୃଶ ବିପର୍ଯ୍ୟୟ ଯଥା ବନ୍ୟା, ଜଳ ପ୍ରବାହ, ବାତ୍ୟା, ଚକ୍ରବାତ ଇତ୍ୟାଦି ବିପକ୍ଷରେ ବୀମା ସୁରକ୍ଷା ପ୍ରଦାନ କରିଥାଏ । ଅଗ୍ନି ବୀମା ପଲିସି ଅଧିନରେ ଯେଉଁ ବିଭିନ୍ନ ପ୍ରକାର ସମ୍ପତ୍ତିଗୁଡ଼ିକ ପରିସରଭୁକ୍ତ ହୋଇପାରିବ ସେଗୁଡ଼ିକ ହେଉଛି ବାସଗୃହ, କାର୍ଯ୍ୟାଳୟ, ଦୋକାନ, ଡାକ୍ତରଖାନା, ଔଦ୍ୟୋଗିକ/ ମ୍ୟାନୁଫାକ୍ଚରିଂ ବିପଦ ଏବଂ ମେସିନ୍, ପ୍ଲାଣ୍ଟ ଉପକରଣ ଏବଂ ଆନୁସଙ୍ଗିକ ପରି ସାମଗ୍ରୀ; କଞ୍ଚା ମାଲ୍, ପ୍ରକ୍ରିୟା ହେଉଥିବା ସାମଗ୍ରୀ ସମେତ ଜିନିଷଗୁଡ଼ିକ, ଔଦ୍ୟୋଗିକ ବିପଦଗୁଡ଼ିକର ପରିସର ବାହାରେ ଥିବା ଷ୍ଟୋରେଜ୍ ବିପଦ; ଟ୍ୟାଙ୍କ ଫାର୍ମ/ ଗ୍ୟାସ୍ ରହୁଥିବା କଣ୍ଟେନର୍ ଯାହାକି ଔଦ୍ୟୋଗିକ ବିପଦର ପରିସର ବାହାରେ ରହିଛି ଇତ୍ୟାଦି ।

**ଗୃହ/ ଗୃହସାମଗ୍ରୀ ବୀମା** ହେଉଛି ଗୁରୁତ୍ୱପୂର୍ଣ୍ଣ କାରଣ ଏହା ବ୍ୟକ୍ତିବିଶେଷଙ୍କ ଗୃହ ନିମନ୍ତେ ଏକ ସମ୍ପୂର୍ଣ୍ଣ ବୀମା ସୁରକ୍ଷାର ପ୍ୟାକେଜ୍ ପ୍ରଦାନ କରିଥାଏ ।

ସେହିପରି ଭାବରେ, **ସପ୍‌କିପର୍ ପ୍ୟାକେଜ୍ ପଲିସି** ବହୁ ସଂଖ୍ୟକ ଦୋକାନୀଙ୍କର ସମସ୍ତ ବୀମାଯୋଗ୍ୟ ବିପଦକୁ ବୀମା କରାଇବା ପାଇଁ ପରିକଳ୍ପିତ । ଏହା ବିଭିନ୍ନ ପ୍ରକାର ଦୁର୍ଘଟଣା ବିପକ୍ଷରେ ବ୍ୟାପକ ସୁରକ୍ଷା ପ୍ରଦାନ କରିଥାଏ ଯଥା ଅଗ୍ନି, ଭୂମିକମ୍ପ, ବଜ୍ରପାତ, ବନ୍ୟା, ଡକାୟତି ଇତ୍ୟାଦି । ଏହି ପଲିସି ଅଟ୍ଟାଳିକା, ଏଥିରେ ଥିବା ସାମଗ୍ରୀ, ଦୋକାନରେ ରଖାଯାଇଥିବା ଅର୍ଥ ଇତ୍ୟାଦିକୁ ପରିସରଭୁକ୍ତ କରିଥାଏ ।

## c) ଅନ୍ୟାନ୍ୟ ବୀମା

**ଭ୍ରମଣ ବୀମା**

ବିସ୍ତୃତ ଭ୍ରମଣ ବୀମା ପ୍ରଦାନ କରେ:

- ଜରୁରୀକାଳୀନ ଚିକିତ୍ସା ସୁରକ୍ଷା
- ଅଦୃଷ୍ଟ ବାତିଲ୍ କିମ୍ବା ଆପଣଙ୍କ ଭ୍ରମଣକୁ ଛୋଟ କରିବା କାରଣରୁ ହୋଇଥିବା କ୍ଷତି
- ମୃତ୍ୟୁ ଏବଂ ଅକ୍ଷମତା ସୁରକ୍ଷା
- ବ୍ୟକ୍ତିଗତ ଦାୟିତ୍ୱ ସୁରକ୍ଷା
- ଲଗେଜ୍ ସୁରକ୍ଷା

**ଗୋଷ୍ଠୀ ବୀମା**

ଏହା ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ଗୋଷ୍ଠୀକୁ ପରିସରଭୁକ୍ତ କରିଥାଏ, ଉଦାହରଣସ୍ୱରୂପ ଗୋଟିଏ ସମାଜ ବା ପେସାଦାର ସଂଗଠନର ସଦସ୍ୟମାନଙ୍କୁ, କିମ୍ବା ଏକ ନିର୍ଦ୍ଦିଷ୍ଟ ନିଯୁକ୍ତିଦାତାଙ୍କର କର୍ମଚାରୀମାନଙ୍କୁ

**ଫସଲ ବୀମା**

ଏହା ମରୁଡ଼ି, ବନ୍ୟା, ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ କୀଟ ସଂକ୍ରମଣ ଇତ୍ୟାଦି କାରଣରୁ ଫସଲ ପ୍ରତି ହୋଇଥିବା କ୍ଷତି କିମ୍ବା ହାନି ଘଟଣାରେ କୃଷକମାନଙ୍କୁ ବୀମା ସୁରକ୍ଷା ପ୍ରଦାନ କରିଥାଏ ।

## ଭାରତ ସରକାରଙ୍କ ବୀମା ଯୋଜନାର ଉଦାହରଣଗୁଡ଼ିକ

**ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପିଏମ୍ଏସ୍‌ବିୱାଇ)**

- ୧୮ରୁ ୭୦ ବର୍ଷ ବୟସ ଗୋଷ୍ଠୀରେ ବ୍ୟାଙ୍କ ଜମାଖାତାଧାରକମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ସୁରକ୍ଷା ପ୍ରଦାନ କରିଥାଏ
- ଅଟୋଡେବିଟ୍ ସୁବିଧା ଜରିଆରେ ବ୍ୟାଙ୍କ ଆକାଉଣ୍ଟରୁ ଟ. ୧୨/-ର ଏକ ନିର୍ଦ୍ଦିଷ୍ଟ ବାର୍ଷିକ ପ୍ରିମିୟମ୍ କାଟ୍ କରାଯାଏ
- ବ୍ୟକ୍ତି କେବଳ ଗୋଟିଏ ସଞ୍ଚୟ ବ୍ୟାଙ୍କ ଜମାଖାତା ଜରିଆରେ ଏହି ଯୋଜନାରେ ଯୋଗ ଦେବାକୁ ଯୋଗ୍ୟ ହେବେ ।
- ବୀମା ସୁରକ୍ଷା ଦୁର୍ଘଟଣା କାରଣରୁ ହୋଇଥିବା ସ୍ଥାୟୀ ଏବଂ ଆଂଶିକ ଅକ୍ଷମତାକୁ ପରିସରଭୁକ୍ତ କରିଥାଏ । (https://financialservices.gov.in/insurance-divisions)

**ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ) – ଆୟୁଷ୍ମାନ ଭାରତ**

- ଏହା ଦରିଦ୍ର, ବଞ୍ଚିତ ଗ୍ରାମୀଣ ପରିବାର ଏବଂ ସହରାଞ୍ଚଳ ଶ୍ରମିକ ପରିବାରର ଚିହ୍ନିତ ବୃତ୍ତି ଶ୍ରେଣୀକୁ ଲକ୍ଷ୍ୟ କରି ସ୍ୱାସ୍ଥ୍ୟ ସେବା ସୁବିଧା ପ୍ରଦାନ କରିଥାଏ
- ପରିବାରର ଆକାର, ବୟସ ଏବଂ ଲିଙ୍ଗ ଉପରେ କୌଣସି କଟକଣା ନାହିଁ
- ଡାକ୍ତରଖାନାରେ ରହଣି କ୍ଷେତ୍ରରେ ପରିବାର ଦ୍ୱାରା କୌଣସି ଅର୍ଥ ପୈଠ କରାଯିବାର ଆବଶ୍ୟକତା ନାହିଁ । (https://www.pmjay.gov.in)

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ)**

- ଫସଲ ବୀମା ଯୋଜନା ଫସଲ ବିଫଳତାରୁ କୃଷକମାନଙ୍କୁ ବୀମା ଜରିଆରେ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ କରାଯାଇଛି
- ଏହି ଯୋଜନା ବୀମାଭୁକ୍ତ କୃଷକମାନଙ୍କୁ ବାହ୍ୟ ବିପଦର ବିସ୍ତୃତ ଶୃଙ୍ଖଳ ବିପକ୍ଷରେ ସୁରକ୍ଷା ପ୍ରଦାନ କରିଥାଏ – ମରୁଡ଼ି, ଅନାବୃଷ୍ଟି, ବନ୍ୟା, ଜଳପ୍ରବାହ, ପୋକ ଏବଂ ରୋଗ, ଭୂସ୍ଖଳନ, ପ୍ରାକୃତିକ ଅଗ୍ନି ଏବଂ ବଜ୍ରପାତ, କୁଆପଥର, ବାତ୍ୟା, ଚକ୍ରବାତ୍ୟ ଇତ୍ୟାଦି
- ଏହି ଯୋଜନା ୧୪ ଦିନ ସମୟ ପର୍ଯ୍ୟନ୍ତ ଅମଳ ପରବର୍ତ୍ତୀ କ୍ଷତିକୁ ପରିସରଭୁକ୍ତ କରିଥାଏ (https://pmfby.gov.in)

**ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପିଏମ୍‌ଜେଜେବିୱାଇ)**

- ୧୮ରୁ ୫୦ ବର୍ଷ ବୟସର ବ୍ୟାଙ୍କ ଜମାଖାତା ଧାରକ (ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ)ମାନଙ୍କୁ ୨ ଲକ୍ଷର ବୀମା ସୁରକ୍ଷା ପ୍ରଦାନ କରିଥାଏ ।
- ଅଟୋଡେବିଟ୍ ସୁବିଧା ଜରିଆରେ ବ୍ୟାଙ୍କ ଖାତାରୁ ଟ. ୩୩୦/-ର ଏକ ନିର୍ଦ୍ଦିଷ୍ଟ ବାର୍ଷିକ ପ୍ରିମିୟମ୍ କାଟ୍ କରାଯାଏ
- (https://financialservices.gov.in/insurance-divisions)

## ଏକ ଦାବି କରିବା

ଯେତେବେଳେ ଏକ ବିପର୍ଯ୍ୟୟ ଘଟିଥାଏ, ଯେମିତିକି ଆପଣଙ୍କ ବାଇକ୍ ଚୋରି ହୋଇଯାଏ କିମ୍ବା ଆପଣଙ୍କର ଦୁର୍ଘଟଣା ହୁଏ ସେତେବେଳେ ଗୋଟିଏ ଦାବି କରିବାର ସମୟ ଆସିଥାଏ । ଯେତେବେଳେ ଆପଣ ଏକ ଦାବି କରନ୍ତି, ଆପଣ ଔପଚାରିକ ଭାବରେ ବୀମା କମ୍ପାନୀକୁ ଆପଣଙ୍କ ବୀମା ପଲିସିର ସର୍ତ୍ତ ଅଧିନରେ ଆପଣ ଶିକାର ହୋଇଥିବା କ୍ଷତି ପାଇଁ ଅର୍ଥ ପୈଠ କରିବାକୁ କୁହନ୍ତି ।

ଆପଣଙ୍କ ଇନ୍ସ୍ୟୁରାନ୍ସ ବ୍ରୋକର, ଏଜେଣ୍ଟ କିମ୍ବା କମ୍ପାନୀକୁ ଯଥାଶୀଘ୍ର ସମ୍ଭବ ଯୋଗାଯୋଗ କରନ୍ତୁ କାରଣ ଅଧିକାଂଶ କମ୍ପାନୀର ସମୟ ସୀମା ରହିଥାଏ, ଯାହା ମଧ୍ୟରେ ଆପଣଙ୍କୁ ଆପଣଙ୍କ ଦାବି ଦାଖଲ କରିବାକୁ ହେବ । ଏଥିସହ ଆପଣଙ୍କ ଦାବି ଦାଖଲ କରିବା ସମୟରେ ଆବଶ୍ୟକ ସମସ୍ତ ସମର୍ଥନକାରୀ ଦସ୍ତାବିଜ୍ ପ୍ରଦାନ କରିବାକୁ ମନେରଖନ୍ତୁ।

# ମଡ୍ୟୁଲ୍ 5

# ନିବେଶ

ଅର୍ଥ ନିବେଶ କରିବା ଏକ ଲାଭଦାୟକ କାର୍ଯ୍ୟ ହୋଇପାରେ ଯାହା ଆପଣଙ୍କୁ ଆପଣଙ୍କର ବିତ୍ତୀୟ ଲକ୍ଷ୍ୟଗୁଡ଼ିକ ପୂରଣ କରିବାରେ ସାହାଯ୍ୟ କରିପାରେ; ତଥାପି, ପୁଞ୍ଜି ନିବେଶ କରିବା ଜଟିଳ ହୋଇପାରେ ଏବଂ ଅନେକ ସମୟରେ ବିପଦ ସହିତ ଆସିଥାଏ । ଉପଯୁକ୍ତ ଜ୍ଞାନ ସହିତ, ଆପଣ ଜଟିଳତାର ସ୍ତର ଏବଂ ଯେଉଁ ବିପଦଗୁଡ଼ିକ ସହ ଆପଣ ସହଜ ଅନୁଭବ କରନ୍ତି ତାହା ଚୟନ କରିପାରିବେ ।

## ମୁଖ୍ୟ କାରକଗୁଡ଼ିକ

ଆପଣ ପ୍ରତ୍ୟେକ ନିବେଶ, ଲାଭ, ବିପଦ ଏବଂ ନଗଦ ପ୍ରାପ୍ତି ସମ୍ପର୍କରେ ଅତି କମ୍‌ରେ ତିନୋଟି ମୁଖ୍ୟ କାରକ ବିଷୟରେ ଜାଣିବା ଆବଶ୍ୟକ ।




**ରିଟର୍ଣ୍ଣ** ହେଉଛି ସେହି ଲାଭ ଯାହା ଜଣେ ନିବେଶକ ଗୋଟିଏ ନିବେଶରୁ ପାଇପାରିଥା'ନ୍ତି । ଏହା ଦୁଇଟି ଭିନ୍ନ ଭିନ୍ନ ପ୍ରକାରରେ ଆସିପାରେ: ଆୟ କିମ୍ବା ବିତ୍ତୀୟ ଲାଭ ।

ରିସ୍କର ଅର୍ଥ ହେଉଛି ଅନିଶ୍ଚିତତା । ଆପଣ ନିଶ୍ଚିତ ନୁହଁନ୍ତି ଆପଣଙ୍କ ନିବେଶ ଉଚ୍ଚ ଲାଭ ଦେବ କିମ୍ବା ଆପଣ ଆପଣଙ୍କର ଅର୍ଥ ହରାଇପାରନ୍ତି । ରିସ୍କ ଏବଂ ଲାଭ ଏକାଠି ଥାଏ ଯାହାର ଅର୍ଥ ହେଉଛି ଆପଣଙ୍କ ନିବେଶ ଉପରେ ଉଚ୍ଚ ଲାଭ ପାଇବା ପାଇଁ ଆପଣଙ୍କୁ ଅଧିକ ରିସ୍କ ସଂସ୍ପର୍ଶରେ ଆସିବାକୁ ହେବ ।






ଲିକ୍ୱିଡିଟି ହେଉଛି ନଗଦ ଅର୍ଥ ପାଇବା କିମ୍ବା ଏକ ନିବେଶରୁ ତୁରନ୍ତ କିମ୍ବା ସାମ୍ପ୍ରତିକ ବଜାର ଦର ପାଖାପାଖି ବିକ୍ରୟ କରିବାର ସାମର୍ଥ୍ୟ । ଏହା ଏକ ନିବେଶର ମୂଲ୍ୟକୁ ପ୍ରଭାବିତ କରିଥାଏ । ତାଲିକାଭୁକ୍ତ ଷ୍ଟକ୍ ଏବଂ ସରକାରୀ ବଣ୍ଡଗୁଡ଼ିକ ହେଉଛି ଲିକ୍ୱିଡ୍ କାରଣ ଆପଣ ସେଗୁଡ଼ିକୁ ସାଧାରଣତଃ ସହଜରେ ବିକ୍ରୟ କରିପାରନ୍ତି ।

## ନିବେଶ ଲକ୍ଷ୍ୟଗୁଡ଼ିକ

ଆପଣଙ୍କ ନିବେଶ ଲକ୍ଷ୍ୟଗୁଡ଼ିକ ଆପଣ କେଉଁ ଜୀବନ ପର୍ଯ୍ୟାୟରେ ଅଛନ୍ତି ତାହା ଉପରେ ନିର୍ଭର କରେ (ଛାତ୍ର, କର୍ମଚାରୀ, ଅବସର ଇତ୍ୟାଦି) । ଆପଣଙ୍କ ନିବେଶ ଲକ୍ଷ୍ୟଗୁଡ଼ିକ ଅନ୍ୟମାନଙ୍କଠାରୁ ଭିନ୍ନ ହେବ ଏବଂ ଏହି ଲକ୍ଷ୍ୟଗୁଡ଼ିକ ଆପଣଙ୍କ ଜୀବନ ମଧ୍ୟରେ ପରିବର୍ତ୍ତନ ହେବ । ସାଧାରଣତଃ ଆପଣଙ୍କର ଏକା ସମୟରେ ବିଭିନ୍ନ ପ୍ରକାରର ଲକ୍ଷ୍ୟ ରହିଥିବ । ଆପଣ ହୁଏତ ମୂଲ୍ୟରେ ଦୀର୍ଘକାଳୀନ ଅଭିବୃଦ୍ଧି ଚାହିଁପାରନ୍ତି ଏବଂ ଏଥିସହିତ ଜରୁରୀ ପରିସ୍ଥିତି ପାଇଁ ଏକ ନିରାପଦ ଏବଂ ନମନୀୟ ପାଣ୍ଠି ଚାହିଁପାରନ୍ତି । ପ୍ରତ୍ୟେକ ପରିବାରର ବିଭିନ୍ନ ପ୍ରକାର ଉଦ୍ଦେଶ୍ୟ ରହିବ ଏବଂ ପ୍ରତ୍ୟେକଟି ପାଇଁ ଏକ ଭିନ୍ନ ନିବେଶ ରଣନୀତି ଆବଶ୍ୟକ ହେବ ।
କିପରି ବ୍ୟକ୍ତିଗତ କାରକଗୁଡ଼ିକ ନିବେଶ ପସନ୍ଦକୁ ପ୍ରଭାବିତ କରେ ତାହା ଦେଖିବା ପାଇଁ ଗୋଟିଏ ସହଜ ଉପାୟ ହେଉଛି ଆପଣଙ୍କ ଜୀବନ ପର୍ଯ୍ୟାୟ ସମ୍ପର୍କରେ ଚିନ୍ତା କରିବା, ଜୀବନର ଯେଉଁ ପର୍ଯ୍ୟାୟରେ ଆପଣ ଅଛନ୍ତି ।



### ସୋପାନ ୧

ଯଦି ଆପଣଙ୍କ ବୟସ କମ୍ ଆପଣ ହୁଏତ ଅଧିକ ବିପଦ ନେବା ପାଇଁ ଇଛା କରିପାରନ୍ତି କାରଣ ଆପଣ ଦୀର୍ଘ ଅବଧି ନିମନ୍ତେ ଯୋଜନା କରୁଛନ୍ତି । ଯଦି ଆପଣଙ୍କ ନିବେଶର ମୂଲ୍ୟ ତଳକୁ ଖସେ, ଆପଣଙ୍କର ଫେରିପାଇବା ପାଇଁ ସମୟ ରହିବ ଏବଂ ଆପଣଙ୍କ ନିବେଶ ଏକ ଦୀର୍ଘ ସମୟ ଅବଧିରେ ବୃଦ୍ଧି ପାଇପାରିବ ।



### ସୋପାନ 2

ଯଦି ଆପଣ ଏକ ନୂତନ ପରିବାର ଆରମ୍ଭ କରୁଛନ୍ତି, ଆପଣ ନିରାପତ୍ତା ପ୍ରଦାନ କରିବାକୁ ଚାହାଁନ୍ତି । ଆପଣ ଏ ପର୍ଯ୍ୟନ୍ତ ମଧ ଦୀର୍ଘ ଅବଧି ପାଇଁ ଯୋଜନା କରିପାରନ୍ତି । କିନ୍ତୁ ଆପଣ ଆପଣଙ୍କ ଅର୍ଥର ଅତି କମ୍ରେ ଗୋଟିଏ ଅଂଶ କ୍ଷୁଦ୍ର ଅବଧି ସଞ୍ଚୟ ଲକ୍ଷ୍ୟ ଏବଂ ଜରୁରୀ ଅବସ୍ଥା ସମୟରେ କିମ୍ବା ଏକ ପାରିବାରିକ ଗୃହ ପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ରୟ ଉଦ୍ଦେଶ୍ୟରେ ଯୋଗାଇ ଦେବା ନିମନ୍ତେ ଉପଲବ୍ଧ ହେବା ପାଇଁ ରଖିବା ଆବଶ୍ୟକ କରନ୍ତି ।



### ସୋପାନ 3

ଯଦି ଆପଣଙ୍କ ପରିବାର ଅଧିକ ସ୍ୱାଧୀନ ହେବାରେ ଲାଗିଛି ତେବେ ଆପଣ ହୁଏତଃ କ୍ଷୁଦ୍ର ଅବଧି ସଞ୍ଚୟ ନିମନ୍ତେ କମ୍ ଆବଶ୍ୟକ କରିପାରନ୍ତି ଏବଂ ଆପଣଙ୍କ ଅବସର ପାଇଁ ଅଧିକ ସଞ୍ଚୟ କରିବାକୁ ସକ୍ଷମ ହୋଇପାରନ୍ତି । ଆପଣ ହୁଏତ ଆପଣଙ୍କ ରୋଜଗାର କରିବା ବର୍ଷଗୁଡ଼ିକର ଶିଖରରେ ଥାଇପାରନ୍ତି, ଏହା ଦ୍ୱାରା ପୁଞ୍ଜି ନିବେଶ ପାଇଁ ଅର୍ଥ ଉପଲବ୍ଧ ହୁଏ । କିନ୍ତୁ ଆପଣଙ୍କ ଅର୍ଥକୁ କେଉଁଥିରେ ନିବେଶ କରିବା ପାଇଁ ଅନିଚ୍ଛୁକ ହେବା ବିପଜ୍ଜନକ ହେବ ।



### ସୋପାନ 4

ଆପଣ ଅବସର ନେଇସାରିବା ପରେ ଆପଣ ହୁଏତ ଆପଣଙ୍କ ସାର୍ବଜନୀନ କିମ୍ବା ବ୍ୟକ୍ତିଗତ ପେନ୍ସନ୍ ସହିତ ଯୋଗ କରିବାର ଲାଭ ସହ ସଂଯୁକ୍ତ କରିବା ପାଇଁ ଏକ ନିୟମିତ, ଭରସାଯୋଗ୍ୟ ଆୟ ଯୋଗାଇ ଦେବା ନିମନ୍ତେ ଆପଣଙ୍କ ନିବେଶ ଉପରେ ବିଶ୍ୱାସ କରିପାରନ୍ତି ।

## ମୁଦ୍ରାସ୍ଫୀତି ଏବଂ ନିବେଶ ଉପରେ ଏହାର ପ୍ରଭାବ

ମୁଦ୍ରାସ୍ଫୀତି ସାମଗ୍ରୀ ଏବଂ ସେବାର ଦାମ୍ ବୃଦ୍ଧିକୁ ସୂଚିତ କରେ । ସମୟ କ୍ରମେ ଯେତେବେଳେ ସାମଗ୍ରୀ ଏବଂ ସେବାର ଦାମ୍ ବୃଦ୍ଧି ପାଏ, ସେତେବେଳେ ମୁଦ୍ରାର ଏକ ଏକକ, ଯେମିତିକି ଏକ ଟଙ୍କା କିମ୍ବା ଟ. ୧୦୦ର ସାମଗ୍ରୀ ଏବଂ ସେବା କ୍ରୟ କରିବାର ସାମର୍ଥ୍ୟ କମ୍ ହେବାରେ ଲାଗେ । ଅନ୍ୟ ଅର୍ଥରେ କହିବାକୁ ଗଲେ ଅର୍ଥର କ୍ରୟ ଶକ୍ତି କମ୍ ହୁଏ । ବିତ୍ତୀୟ ଯୋଜନା ସମୟରେ ଆପଣଙ୍କ ନିବେଶ ଉପରେ ମୁଦ୍ରାସ୍ଫୀତିର ବିଚାରକୁ ନେବା ଗୁରୁତ୍ୱପୂର୍ଣ୍ଣ ।

**ମୁଦ୍ରାସ୍ଫୀତି କିପରି ଭାବରେ ମୁଁ ନିବେଶ ନିଷ୍ପତ୍ତିକୁ ପ୍ରଭାବିତ କରେ?**

ପାଞ୍ଚ ବର୍ଷ ତଳେ ଏକ ବଡ଼ାପାଓର ଦାମ୍ ଟ. ୫/- ଥିଲା, ବର୍ତ୍ତମାନ ଏହାର ଦାମ୍ ଟ.୧୦/- । ଏହି ଦାମ୍‌ରେ ବୃଦ୍ଧି ଅଧିକ ପରିମାଣ କିମ୍ବା ଉନ୍ନତ ମାନ କାରଣରୁ ନୁହେଁ ବରଂ ଉପାଦାନଗୁଡ଼ିକର ଦାମ୍‌କୁ ପ୍ରଭାବିତ କରୁଥିବା ମୁଦ୍ରାସ୍ଫୀତି କାରଣରୁ ।

**ଅର୍ଥର ସମୟ ମୂଲ୍ୟ:** ସମୟ ଅନୁଯାୟୀ ଅର୍ଥର ମୂଲ୍ୟରେ ପରିବର୍ତ୍ତନ ଅର୍ଥର ସମୟ ମୂଲ୍ୟ ଅବଧାରଣାକୁ ଆଣିଥାଏ । ବର୍ତ୍ତମାନ ସମୟରେ ଉପଲବ୍ଧ ଅର୍ଥ ଏହାର ସମ୍ଭାବ୍ୟ ସାମର୍ଥ୍ୟ କାରଣରୁ ଭବିଷ୍ୟତରେ ସମାନ ପରିମାଣର ଅର୍ଥ ତୁଳନାରେ ମୂଲ୍ୟବାନ୍



**ବିବିଧକରଣ** ଆପଣଙ୍କର ସବୁ ଅଣ୍ଡାକୁ ଗୋଟିଏ ଝୁଡ଼ିରେ ରଖିବା କେବେ ହେଲେ ଭଲ ବିଚାର ନୁହେଁ । ଯଦି ଆପଣ ଆପଣଙ୍କର ଅର୍ଥକୁ ବିଭିନ୍ନ ପ୍ରକାର ନିବେଶରେ ରଖନ୍ତି ଏବଂ ଗୋଟିଏ କିମ୍ବା ଦୁଇଟି ଅର୍ଥ ହରାନ୍ତି, ଅନ୍ୟଗୁଡ଼ିକ ହୁଏତ ଆପଣଙ୍କ ନିବେଶକୁ ସନ୍ତୁଳିତ କରିବା ପାଇଁ ଲାଭ କରିପାରନ୍ତି । ଏହାକୁ ବିବିଧକରଣ କୁହାଯାଏ । ଆପଣ ନିବେଶ କରିବା ସମୟରେ ବିପଦକୁ ହ୍ରାସ କରିବାର ଏହା ହେଉଛି ଏକ ଉପାୟ ।



## ସିକ୍ୟୁରିଟି ମାର୍କେଟ୍‌ରେ ନିବେଶ

ସିକ୍ୟୁରିଟିଜ୍‌କୁ ବୃହତ୍ ଭାବରେ ଦୁଇଟି ପ୍ରକାରରେ ବର୍ଗୀକରଣ କରାଯାଇପାରେ: ଇକ୍ୱିଟି ଏବଂ ଡେବ୍ଟ । ସିକ୍ୟୁରିଟିଜ୍ ମାର୍କେଟ୍‌ରୁ ବିକ୍ରୟ କରାଯାଏ

**ପ୍ରାଇମେରି ମାର୍କେଟ୍:** କମ୍ପାନୀ ସିଧାସଳଖ ପ୍ରଥମ ଥର ପାଇଁ ସିକ୍ୟୁରିଟିଗୁଡ଼ିକ ଜାରି କରେ ଅର୍ଥାତ୍ ଆଇପିଓ (ଇନିସିଆଲ୍ ପବ୍ଲିକ୍ ଅଫର୍)

**ସେକେଣ୍ଡାରୀ ମାର୍କେଟ୍:** ଷ୍ଟକ୍ ଏକ୍ସଚେଞ୍ଜ ଯେମିତିକି ବିଏସ୍‌ଇ, ଏନ୍‌ଏସ୍‌ଇ ଇତ୍ୟାଦିରେ ସିକ୍ୟୁରିଟିଜ୍‌ର କାରବାର

**ଆପଣଙ୍କ କ୍ଲାଏଣ୍ଟକୁ ଜାଣନ୍ତୁ (କେ ୱାଇ ସି):** ସେବି ସମସ୍ତ ସିକ୍ୟୁରିଟି ମାର୍କେଟ୍ ନିବେଶକଙ୍କ ନିମନ୍ତେ କେୱାଇସି (ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ) ଆବଶ୍ୟକତା ଅନୁମୋଦନ କରିଛି । ସେବି ବୈଷୟିକ ନବସୃଜନର ବ୍ୟବହାରକୁ ଅନୁମତି ଦେଇଛି ଯେଉଁଗୁଡ଼ିକ **ଅନ୍‌ଲାଇନ୍ କେୱାଇସି (ଇ-କେୱାଇସି)**କୁ ସୁବିଧାଜନକ କରିପାରିବ । ଟେକ୍ନୋଲୋଜିର ଉପଯୋଗ ମଧ୍ୟସ୍ଥଙ୍କ କାର୍ଯ୍ୟାଳୟକୁ ଶାରୀରିକ ଭାବରେ ନ ଯାଇ କେୱାଇସି ପୂରଣ କରିବା ନିବେଶକମାନଙ୍କ ପାଇଁ ସୁବିଧାଜନକ କରିଥାଏ ।

## ଇକ୍ୱିଟି

ଇକ୍ୱିଟି ହେଉଛି ଗୋଟିଏ କମ୍ପାନୀର ଏକ ଅଂଶ, ଏହାକୁ ଷ୍ଟକ୍ ବା ସେୟାର୍ ମଧ କୁହାଯାଇଥାଏ । ଯେତେବେଳେ ଆପଣ ଗୋଟିଏ କମ୍ପାନୀର ସେୟାର୍‌ଗୁଡ଼ିକ କିଣନ୍ତି, ଆପଣ ମୌଳିକ ଭାବରେ ସେହି କମ୍ପାନୀର ଗୋଟିଏ ଅଂଶର ମାଲିକ ହୋଇଥା'ନ୍ତି ଏବଂ ଯେତେବେଳେ କମ୍ପାନୀ ଲାଭ କରେ ସେତେବେଳେ ଆପଣ ଲାଭର ଏକ ଅଂଶ ଆଶା କରିପାରିବେ । ସାର୍ବଜନିନ/ ତାଲିକାଭୁକ୍ତ କମ୍ପାନୀଗୁଡ଼ିକ ପାଇଁ ଏହି ସେୟାର୍‌ଗୁଡ଼ିକ ଷ୍ଟକ୍ ଏକ୍ସଚେଞ୍ଜଗୁଡ଼ିକରେ ବିକ୍ରୟ କରାଯାଏ, ଯାହା ଷ୍ଟକ୍‌ଗୁଡ଼ିକର କ୍ରୟ ବିକ୍ରୟକୁ ସୁବିଧାଜନକ କରିଥାଏ,ଏହିପରି ଭାବରେ ଏକ ବଜାର ଯୋଗାଇଥାଏ । ଇକ୍ୱିଟିଗୁଡ଼ିକରେ ନିବେଶ କରିବା ହେଉଛି ଅଧିକ ବିପଦଯୁକ୍ତ ଏବଂ ନିଶ୍ଚିତ ଭାବରେ ଅନ୍ୟ ନିବେଶଗୁଡ଼ିକ ତୁଳନାରେ ଅଧିକ ସମୟ ଆବଶ୍ୟକ କରିଥାଏ ।

## ଡେବ୍ଟ ସିକ୍ୟୁରିଟିଜ୍

ଡେବ୍ଟ ସିକ୍ୟୁରିଟିଜ୍‌ଗୁଡ଼ିକ ହେଉଛି ବଣ୍ଡ, ଡିବେଞ୍ଚର, ପ୍ରମିଜରି ନୋଟ୍ ଇତ୍ୟାଦି ପରି ସାଧନ, ଯାହାର ଏକ ସ୍ଥିରିକୃତ ପରିମାଣ,ଏକ ପରିପକ୍ୱତା ତାରିଖ ରହିଥାଏ ଏବଂ ସାଧାରଣତଃ ଏକ ସ୍ଥିରିକୃତ ସୁଧ ହାର ରହିଥାଏ । ଏଗୁଡ଼ିକ ସାଧାରଣତଃ ଇକ୍ୱିଟି ତୁଳନାରେ କମ୍ ବିପଦ ବିଶିଷ୍ଟ । ଯେତେବେଳେ ଏକ କମ୍ପାନୀ କିମ୍ବା ସରକାରୀ ଏଜେନ୍ସି ଏକ ଋଣ ନେବାକୁ ଚାହାଁନ୍ତି, ଏହାର ଦୁଇଟି ବିକଳ୍ପ ଥାଏ । ପ୍ରଥମଟି ହେଉଛି ଗୋଟିଏ ବ୍ୟାଙ୍କରୁ ବିତ୍ତୀୟ ସହଯୋଗ ନେବା, ଦ୍ୱିତୀୟଟି ହେଉଛି ପୁଞ୍ଜି ବଜାରରେ ନିବେଶକମାନଙ୍କୁ ଡେବ୍ଟ ଋଣ ଜାରି କରିବା । ଏହାକୁ ଡେବ୍ଟ ଇସୁ କୁହାଯାଏ

## ମ୍ୟୁଚୁଆଲ୍ ଫଣ୍ଡ

ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକ ଅନେକ ନିବେଶକଙ୍କଠାରୁ ଅର୍ଥ ସଂଗ୍ରହ କରେ ଏବଂ ଷ୍ଟକ୍, ବଣ୍ଡ, କ୍ଷୁଦ୍ର ଅବଧି ଅର୍ଥ ବଜାର ସାଧନ, ଅନ୍ୟ ସିକ୍ୟୁରିଟିଜ୍ କିମ୍ବା ସମ୍ପତ୍ତି, ଏସବୁ ନିବେଶର କେତେକ ମିଶ୍ରଣରେ ନିବେଶ କରିଥାଏ। ମ୍ୟୁଚୁଆଲ୍ ଫଣ୍ଡରେ ଥିବା ଏହି ମିଶ୍ରିତ ପ୍ରକାରଗୁଡ଼ିକୁ ଏହାର ପୋର୍ଟଫୋଲିଓ କୁହାଯାଏ। ପ୍ରତ୍ୟେକ ୟୁନିଟ୍ ଜଣେ ନିବେଶକଙ୍କର ଏହି ପାଣ୍ଠିର ପ୍ରକାରଗୁଡ଼ିକର ମାଲିକାନା ଏବଂ ସେହି ପ୍ରକାରଗୁଡ଼ିକରୁ ସୃଷ୍ଟି ହେଉଥିବା ଆୟକୁ ପ୍ରତିନିଧିତ୍ୱ କରିଥାଏ।

**ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି):** ଯେତେବେଳେ ଗୋଟିଏ ମ୍ୟୁଚୁଆଲ୍ ଫଣ୍ଡରେ ଏକ ସ୍ଥିରିକୃତ ପରିମାଣ ଏକ ସ୍ଥିରିକୃତ ବ୍ୟବଧାନରେ ନିବେଶ କରାଯାଏ ଏହାକୁ ଏସ୍‌ଆଇପି କୁହାଯାଏ, ଯାହା ବର୍ତ୍ତମାନ ଏକ ଲୋକପ୍ରିୟ ଭବିଷ୍ୟତ ନିବେଶ ଯୋଜନା ହୋଇଛି।

**ଇକ୍ୱିଟି ଲିଙ୍କଡ୍ ସେଭିଙ୍ଗସ ସ୍କିମ୍‌ସ (ଇଏଲ୍‌ଏସ୍‌ଏସ୍):** ଏଗୁଡ଼ିକ ହେଉଛି ମ୍ୟୁଚୁଆଲ୍ ଫଣ୍ଡ ନିବେଶ ଯୋଜନା ଯାହା ଆପଣଙ୍କୁ ଆୟକର ବଞ୍ଚାଇବାରେ ସାହାଯ୍ୟ କରିବ (କରଦାତାଙ୍କୁ ନିର୍ଦ୍ଦିଷ୍ଟ ସିକ୍ୟୁରିଟିଗୁଡ଼ିକରେ ଟ. ୧.୫ ଲକ୍ଷ ପର୍ଯ୍ୟନ୍ତ ନିବେଶ କରିବାକୁ ହେବ ଏବଂ ଏହାକୁ ସେମାନଙ୍କର ଟିକସଯୋଗ୍ୟ ଆୟରୁ ଏକ ରିହାତି ଭାବରେ ଦାବି କରିବାକୁ ହେବ।)

**ଗୋଲ୍ଡ ଇଟିଏଫ୍:** ଗୋଲ୍‌ଡ ଇଟିଏଫ୍ ବା ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ ହେଉଛି ଏକ ପଣ୍ୟ-ଆଧାରିତ ମ୍ୟୁଚୁଆଲ୍ ଫଣ୍ଡ ଯାହା ସୁନା ପରି ସମ୍ପତ୍ତିରେ ନିବେଶ କରିଥାଏ। ଏସବୁ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡଗୁଡ଼ିକ ବ୍ୟକ୍ତିଗତ ଷ୍ଟକ୍ ପରି କାର୍ଯ୍ୟ କରେ ଏବଂ ସେହିପରି ଷ୍ଟକ୍ ଏକ୍ସଚେଞ୍ଜରେ କାରବାର ହୁଏ।

## ସୋଭେରେନ୍ ଗୋଲ୍‌ଡ ବଣ୍ଡ (ଏସ୍.ଜି.ବି):

ଏଗୁଡ଼ିକ ହେଉଛି ସରକାରୀ ସିକ୍ୟୁରିଟିଜ୍ ଯାହାକି ସୁନାର ଗ୍ରାମ୍ ଅନୁଯାୟୀ ନାମିତ କରାଯାଇଛି। ଏଗୁଡ଼ିକ ବାସ୍ତବିକ ଭାବରେ ସୁନା ରଖିବାର ବିକଳ୍ପ। ନିବେଶକମାନଙ୍କୁ ଇସ୍ୟୁର ଦାମ୍ ନଗଦ ଅର୍ଥରେ ଦେବାକୁ ହେବ ଏବଂ ବଣ୍ଡଗୁଡ଼ିକ ପରିପକ୍ୱ ହେବା ପରେ ନଗଦ ଅର୍ଥ ଫେରସ୍ତ ହେବ। ଏହି ବଣ୍ଡ ଭାରତ ସରକାରଙ୍କ ପକ୍ଷରୁ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଏ।

**ରିଅଲ୍ ଇଷ୍ଟେଟ୍ ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟ (ଆର୍.ଇ.ଆଇ.ଟି):** ଆର୍‌ଇଆଇଟିଗୁଡ଼ିକ ହେଉଛି ସେହି ଅନୁଷ୍ଠାନ ଯାହାର ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ନିଜସ୍ୱ ସମ୍ପତ୍ତି ରହିଛି ଏବଂ ସେଗୁଡ଼ିକର ବିକାଶ ପାଇଁ ବିତ୍ତୀୟ ସହଯୋଗ ପ୍ରଦାନ କରନ୍ତି । ଏହା ନିବେଶକମାନଙ୍କୁ ନିଜେ କୌଣସି ସମ୍ପତ୍ତି କିଣିବା, ପରିଚାଳନା କରିବା କିମ୍ବା ଆର୍ଥିକ ସହଯୋଗ ଦେବା ବିନା ରିଅଲ ଇଷ୍ଟେଟ୍ ନିବେଶଗୁଡ଼ିକରୁ ଲାଭାଂଶ ଆୟ କରିବାକୁ ସକ୍ଷମ କରିଥାଏ ।

## ସରକାରୀ ଯୋଜନାଗୁଡ଼ିକରେ ନିବେଶ

- ଜାତୀୟ ସଞ୍ଚୟ ପ୍ରମାଣପତ୍ର (ଏନ୍‌ଏସ୍‌ସି)
- ଡାକଘର ସଞ୍ଚୟ/ଆର୍‌ଡି ଆକାଉଣ୍ଟ
- ସାର୍ବଜନିନ ଭବିଷ୍ୟନିଧି (ପିପିଏଫ୍)
- କିଶାନ ବିକାଶ ପତ୍ର (କେଭିପି)
- ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (ଏସ୍‌ସିଏସ୍‌ଏସ୍)
  - ଏହି ଯୋଜନାଗୁଡ଼ିକ ନିରାପଦ ଏବଂ ସ୍ଥିରିକୃତ ଲାଭ ଚାହୁଁଥିବା ନିବେକଶମାନଙ୍କ ପାଇଁ ଅନୁମୋଦନ କରାଯାଏ ।
  - ଏସବୁ ଯୋଜନାର ସୁଧ ହାର ଅର୍ଥ ମନ୍ତ୍ରାଳୟର ସ୍ୱୀକୃତି ସହିତ ତ୍ରୟମାସିକ ଆଧାରରେ ସୂଚିତ କରାଯାଏ ।
  - ଡାକ ଘର ଯୋଜନାଗୁଡ଼ିକ ନିବେଶ କରାଯାଇଥିବା ସମୁଦାୟ ପରିମାଣ ଉପରେ ଏକ ସରକାରୀ ପ୍ରତିଶ୍ରୁତି ବହନ କରିଥାଏ, ତେଣୁ ସବୁଠାରୁ ନିରାପଦ ଭାବରେ ବିବେଚନା କରାଯାଏ ।
  - ଅଧିକ ସୂଚନା ପାଇଁ ଏହି ଲିଙ୍କ ଦେଖନ୍ତୁ https://www.indiapost.gov.in/Financial/pages/content/post-office-saving-schemes.aspx

**ସୁକନ୍ୟା ସମୃଦ୍ଧି ଯୋଜନା (ଏସ୍‌ଏସ୍‌ୱାଇ)**

ଏସ୍‌ଏସ୍‌ୱାଇ ହେଉଛି ଶିଶୁ କନ୍ୟା ହିତ ନିମନ୍ତେ ଏକ ସରକାରୀ ସହଯୋଗପ୍ରାପ୍ତ ସଞ୍ଚୟ ଯୋଜନା । ଏହା 10 ବର୍ଷଠାରୁ କମ୍ ବୟସର ଶିଶୁ କନ୍ୟାଙ୍କ ପାଇଁ ପିତାମାତାଙ୍କ ଦ୍ୱାରା ଏହା ଖୋଲାଯାଇପାରିବ । ପିତାମାତା ଝିଅମାନଙ୍କ ପାଇଁ ଏଭଳି ଦୁଇଟି ଜମା ଖାତା ଖୋଲିପାରିବେ (ଯଦି ସେମାନଙ୍କର ଦୁଇରୁ ଅଧିକ ଝିଅ ଥାଆନ୍ତି ସେମାନେ ଏକ ତୃତୀୟ/ଚତୁର୍ଥ ଆକାଉଣ୍ଟ ଖୋଲିପାରିବେ ନାହିଁ) । ଏହି ଜମାଖାତାଗୁଡ଼ିକର ୨୧ ବର୍ଷ ଅବଧି କିମ୍ବା ବାଳିକା ୧୮ ବର୍ଷ ବୟସ ପରେ ବିବାହ କରିବା ପର୍ଯ୍ୟନ୍ତ ରହିଛି ।

## ମଡ୍ୟୁଲ 6

# ଅବସର ଏବଂ ପେନସନ

ଏକ ସମ୍ପୂର୍ଣ୍ଣ ଏବଂ ଗଠନମୂଳକ କର୍ମମୟ ଜୀବନ ପରେ, ଆପଣ ଏକ ସୁସ୍ଥ, ସକ୍ରିୟ ଏବଂ ନିରାପଦ ଅବସର ଚାହୁଁଥିବେ। ଆପଣ ଆଗୁଆ ଅବସର ନିଅନ୍ତୁ କିମ୍ବା ଅଧିକ ବୟସ ପର୍ଯ୍ୟନ୍ତ କାମ କରନ୍ତୁ, ଆପଣ ଏହା ଜାଣିବାକୁ ଚାହାଁନ୍ତି ଯେ ପରିଣତ ବୟସରେ କିପରି ଭାବେ ନିଜକୁ ଆର୍ଥିକ ଦୃଷ୍ଟିକୋଣରୁ ସୁରକ୍ଷିତ କରିବେ। ଆପଣଙ୍କ ଅବସର ପାଇଁ ଆପଣଙ୍କ ପାଖରେ ଯଥେଷ୍ଟ ଅର୍ଥ ରହିବ କି? ଯଦି ଆପଣ ଅଧିକାଂଶ ଭାରତୀୟଙ୍କ ଭଳି, ତା'ହେଲେ ଆପଣଙ୍କର ଯୁବ ଓ ମଧ୍ୟମ ବୟସରେ ସମୟ ଏବଂ ଆର୍ଥିକ ବ୍ୟୟଜନିତ ଅନେକ ଚାହିଦା ରହିଥିବ : ପିଲାମାନଙ୍କର ଲାଳନପାଳନ, ଘର କିଣିବା ଓ ରକ୍ଷଣାବେକ୍ଷଣ, ପର୍ବପର୍ବାଣୀ ପାଳନ ଆଦି। ଆପଣ ହୁଏତ' ବ୍ୟସ୍ତତା କାରଣରୁ ଅବସର ବିଷୟରେ ଚିନ୍ତା କରିନପାରନ୍ତି କିମ୍ବା ଆପଣ ପରବର୍ତ୍ତୀ ସମୟ ପାଇଁ ଅର୍ଥ ସଞ୍ଚୟ କରିବାରେ ସମସ୍ୟା ଭୋଗିପାରନ୍ତି।

### ଅବସର ଯୋଜନା ପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ




ମୁଦ୍ରାସ୍ଫୀତି ହେଉଛି ଉପଭୋକ୍ତା ସାମଗ୍ରୀ ଓ ସେବାର ବର୍ଦ୍ଧିତ ଦର। ଏହା ଦୁଇଟି ମାର୍ଗରେ ଆପଣଙ୍କର ଅବସର ଆବଶ୍ୟକତାକୁ ପ୍ରଭାବିତ କରିଥାଏ। ପ୍ରଥମତଃ ଆପଣ କିଣୁଥିବା ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଥାଏ ଯାହାର ଅର୍ଥ ହେଉଛି ସମାନ ପରିମାଣର ସାମଗ୍ରୀ କିଣିବା ପାଇଁ ଆପଣଙ୍କୁ ଅଧିକ ଅର୍ଥ ପୈଠ କରିବାକୁ ହେବ । ଦ୍ୱିତୀୟତଃ, ମୁଦ୍ରାସ୍ଫୀତି କାରଣରୁ ଆପଣଙ୍କର ଅବସର ସଞ୍ଚୟର ମୂଲ୍ୟ ମଧ୍ୟ ହ୍ରାସ ପାଇଥାଏ। ଅଧିକ ଦିନ ପର୍ଯ୍ୟନ୍ତ ବଞ୍ଚିବା (ବର୍ଦ୍ଧିତ ଜୀବନ ପ୍ରତ୍ୟାଶା) ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଆବଶ୍ୟକ। 60 ବର୍ଷ ପରେ ବଞ୍ଚି ରହିବାର ଆଶା ବୃଦ୍ଧି ପାଉଛି ଏବଂ ଏହି କାରଣରୁ ଅବସର ପରବର୍ତ୍ତୀ ଜୀବନ ବିଷୟରେ ଚିନ୍ତା କରିବା ଏବଂ ସମାନ ଜୀବନ ଧାରଣ ମାନ ବଜାୟ ରଖିବା ପାଇଁ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଆପଣ ଅବସର ନିମନ୍ତେ ଏକ ଜମାପୁଞ୍ଜି ସୃଷ୍ଟି କରିବା ସମୟରେ ଏସବୁ ଦିଗ ପ୍ରତି ଧ୍ୟାନ ଦେବା ଉଚିତ୍।

### ଜାତୀୟ ପେନସନ ଯୋଜନା

ପରିଣତ ବୟସରେ ଲୋକମାନଙ୍କ ପାଖରେ ରୋଜଗାରର ନିୟମିତ ଉତ୍ସ ନଥିଲେ ସେମାନଙ୍କୁ ଆର୍ଥିକ ସୁରକ୍ଷା ଏବଂ ସ୍ଥିରତା ଦେବା ଲାଗି ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏବଂ ପିଏଫଆରଡିଏ ଦ୍ୱାରା ପରିଚାଳିତ ଏକ ନିର୍ଦ୍ଧାରିତ ଯୋଗଦାନଭିତ୍ତିକ ଅବସର ଯୋଜନା ହେଉଛି ଏସଏନ.ପି.ଏସ। ଏହି ଯୋଜନା ସ୍ୱେଚ୍ଛାକୃତ ଏବଂ 18ରୁ 65 ବର୍ଷ ବୟସ୍କ ସମସ୍ତ ନାଗରିକମାନଙ୍କ ପାଇଁ ଉପଲବ୍ଧ। ଏନ.ପି.ଏସରେ ପଞ୍ଜୀକରଣ କରିବା ପରେ ଆପଣ ନିଜ କର୍ମମୟ ଜୀବନ ସମୟରେ ବ୍ୟବସ୍ଥିତ ଭାବରେ ଅର୍ଥ ସଞ୍ଚୟ ଏବଂ ନିବେଶ କରିପାରିବେ। ଏହି ଯୋଜନାରେ ସାମିଲ ହେବା ପାଇଁ ବାର୍ଷିକ ସର୍ବନିମ୍ନ 500 ଟଙ୍କା ନିବେଶ କରିବାକୁ ହେବ। ଯେତେବେଳେ ଆପଣ ଅବସର ଗ୍ରହଣ କରିବେ, ସାଧାରଣତଃ 60 ବର୍ଷ ବୟସ ପରେ, ଆପଣ କିଛି ଏକକାଳୀନ ଅର୍ଥରାଶି ପାଇବେ ଏବଂ ଅବଶିଷ୍ଟ ଅର୍ଥ ଆପଣଙ୍କ ପସନ୍ଦର କୌଣସି ଏକ ବାର୍ଷିକ ଯୋଜନାରେ ନିବେଶ ହେବ ଯାହାଫଳରେ ଆପଣ ମାସିକ ପେନସନ ପାଇପାରିବେ। ଏନ.ପି.ଏସରେ, କିଛି ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଆପଣଙ୍କ ନିବେଶ ମଧ୍ୟ ଆୟକର ମୁକ୍ତ ଅଟେ ।




ଏନ.ପି.ଏସ ବିଭିନ୍ନ ସମ୍ପତ୍ତି ବର୍ଗର ମିଶ୍ରଣ ପ୍ରଦାନ କରିଥାଏ ଯଥା ଇକ୍ୟୁଟି, କର୍ପୋରେଟ ଋଣ, ସରକାରୀ ସିକ୍ୟୁରିଟି ଏବଂ ବିକଳ୍ପ ନିବେଶ ଶ୍ରେଣୀ। ତେଣୁ ଏହା ନିବେଶକମାନଙ୍କୁ ସେମାନଙ୍କର ନିବେଶର ବିବିଧକରଣ ପାଇଁ ସହାୟକ ହୋଇଥାଏ। ଆହୁରି, ନିବେଶ ଏବଂ ସମ୍ପତ୍ତି ଆବଣ୍ଟନ ସମ୍ପର୍କରେ ସୀମିତ ଜ୍ଞାନ ଓ ବୁଝାମଣା ଥିବା ନିବେଶକମାନେ ଯେକୌଣସି ତିନୋଟି ଜୀବନ ଚକ୍ର ପାଣ୍ଠି (ରକ୍ଷଣଶୀଳ, ଉଦାର ଏବଂ ଆକ୍ରମଣାତ୍ମକ) ଚୟନ କରିପାରିବେ ଯାହାକି ଉପଭୋକ୍ତାଙ୍କ ବୟସ ଆଧାରରେ, ପୂର୍ବ ନିର୍ଦ୍ଧାରିତ ଢଙ୍ଗରେ ବିଭିନ୍ନ ସମ୍ପତ୍ତି ବର୍ଗରେ ସମ୍ପତ୍ତିଗୁଡ଼ିକର ବିତରଣ କରି ସ୍ୱୟଂକ୍ରିୟ ଭାବେ ବିବିଧକରଣର ସୁବିଧା ଯୋଗାଇ ଦେବ।

ନିମ୍ନୋକ୍ତ ତିନୋଟି ସର୍ତ୍ତରେ ଏନ.ପି.ଏସ.ରୁ ଓହରି ଆସିବାକୁ ଅନୁମତି ମିଳିପାରିବ:

i) ଏନ.ପି.ଏସ ଉପଭୋକ୍ତାଙ୍କ ସେବାନିବୃତ୍ତି କ୍ଷେତ୍ରରେ
ii) ପ୍ରାକ୍ ପ୍ରସ୍ଥାନ ଭାବରେ
iii) ଏନ.ପି.ଏସ ଉପଭୋକ୍ତାଙ୍କ ମୃତ୍ୟୁ କ୍ଷେତ୍ରରେ

ଅଧିକ ସୂଚନା ପାଇଁ ପରିଦର୍ଶନ କରନ୍ତୁ: https://www.pfrda.org.in

### ଅଟଳ ପେନସନ ଯୋଜନା (ଏ ପି ୱାଇ)




ଭାରତ ସରକାର ଅସଂଗଠିତ ଏବଂ କାର୍ଯ୍ୟରତ ଗରିବଙ୍କ ପରିଣତ ବୟସରେ ଆୟ ସୁରକ୍ଷାକୁ ନେଇ ଚିନ୍ତିତ ଏବଂ ସେମାନଙ୍କ ଅବସର ବୟସ ପାଇଁ ସେମାନଙ୍କୁ ସଞ୍ଚୟ କରିବା ଲାଗି ଉତ୍ସାହିତ କରିବା ଓ ସୁଯୋଗ ଦେବା ପ୍ରତି ଧ୍ୟାନ ଦେଉଛନ୍ତି। ଭାରତର ଯେକୌଣସି ନାଗରିକ ଯେଉଁମାନଙ୍କ ବୟସ 18ରୁ 40 ବର୍ଷ ମଧ୍ୟରେ ସେମାନେ ଏପିୱାଇ ଯୋଜନାରେ ପଞ୍ଜୀକରଣ କରିପାରିବେ ଏବଂ 60 ବର୍ଷ ବୟସ ପରେ 1000ରୁ 5000 ଟଙ୍କା ପର୍ଯ୍ୟନ୍ତ ସୁନିଶ୍ଚିତ ସର୍ବନିମ୍ନ ପେନସନ ପାଇପାରିବେ। ଏପିୱାଇରେ ଯୋଗ ଦେବାକୁ ହେଲେ ଆପଣଙ୍କର ଏକ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ରହିଥିବା ଆବଶ୍ୟକ। 18 ବର୍ଷ ବୟସ୍କଙ୍କ ପାଇଁ ସର୍ବନିମ୍ନ ମାତ୍ର 42 ଟଙ୍କା ବିନିଯୋଗ କରି ଜଣେ 1000 ଟଙ୍କାର ପେନସନ ପାଇପାରିବେ।

ବୟସ ସହିତ ଯୋଗଦାନ ପରିମାଣ ବୃଦ୍ଧି ପାଉଥିବାରୁ ଅଳ୍ପ ବୟସରୁ ଏହି ଯୋଜନାରେ ଯୋଗ ଦେବା ସର୍ବଦା ଲାଭଜନକ ହୋଇଥାଏ।

ଆପଣ ଏପିୱାଇରେ ଯୋଗ ଦେଲେ, ଆପଣ ପରିଣତ ବୟସରେ ପହଞ୍ଚିବା ମାତ୍ରେ, ସେଥିପାଇଁ ନିଜକୁ ପ୍ରସ୍ତୁତ କରିପାରିବେ, କାରଣ ଏହି ଯୋଜନା 60 ବର୍ଷ ବୟସ୍କଙ୍କ ପାଇଁ ତିନୋଟି ଲାଭ ପ୍ରଦାନ କରିଥାଏ। ସାରା ଜୀବନ ଉପଭୋକ୍ତାଙ୍କୁ ମାସିକ ପେନସନ ମିଳିବ, ଏବଂ ଉପଭୋକ୍ତାଙ୍କ ମୃତ୍ୟୁ ପରେ ତାଙ୍କ ଜୀବନସାଥୀଙ୍କୁ ସମାନ ପରିମାଣର ପେନସନ ମିଳିବ ଏବଂ ଉଭୟଙ୍କ ମୃତ୍ୟୁ ପରେ 60 ବର୍ଷ ବୟସରେ ଉପଭୋକ୍ତାଙ୍କର ପେନସନ କର୍ପସ ଏକକାଳୀନ ଭାବେ ନୋମିନିଙ୍କୁ ଫେରସ୍ତ କରାଯିବ। ଉପଭୋକ୍ତାଙ୍କର ଅକାଳ ମୃତ୍ୟୁ (60 ବର୍ଷ ବୟସ ହେବା ପୂର୍ବରୁ) ଘଟିଲେ ଉପଭୋକ୍ତାଙ୍କ ଜୀବନସାଥୀ ଏପିୱାଇ ଆକାଉଣ୍ଟକୁ ଚାଲୁ ରଖିପାରିବେ କିମ୍ବା ଏପିୱାଇ ଆକାଉଣ୍ଟରେ ଥିବା ମୋଟାମୋଟି ଅର୍ଥକୁ ଉଠାଇପାରିବେ।

ଅଧିକ ସୂଚନା ପାଇଁ ପରିଦର୍ଶନ କରନ୍ତୁ https://www.pfrda.org.in

## ବିଭିନ୍ନ ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ପେନସନ ଯୋଜନା

ଭାରତ ସରକାର ବିଭିନ୍ନ ନିର୍ଦ୍ଦିଷ୍ଟ ବର୍ଗ ଯେପରିକି ଅସଂଗଠିତ ଶ୍ରମିକ, ଖୁଚୁରା ବେପାରୀ ଓ ବ୍ୟବସାୟୀ(ସ୍ୱାବଲମ୍ବୀ କର୍ମଜୀବୀ) ଏବଂ ଜମି ଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ପେନସନ ଯୋଜନା ଆରମ୍ଭ କରିଛନ୍ତି।

### i) ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନ-ଧନ (ପିଏମ-ଏସୱାଇଏମ) ଯୋଜନା




ଏହା ଏକ ସ୍ୱେଚ୍ଛାକୃତ ଏବଂ ଯୋଗଦାନକାରୀ ପେନସନ ଯୋଜନା ଯାହା ଅସଂଗଠିତ କର୍ମଜୀବୀମାନଙ୍କୁ ବୃଦ୍ଧାବସ୍ଥାରେ ସୁନିଶ୍ଚିତ ପେନସନ ସୁରକ୍ଷା ଯୋଗାଇ ଦେଇଥାଏ।

ଅସଂଗଠିତ ଶ୍ରମିକମାନଙ୍କ ମଧ୍ୟରୁ ମୁଖ୍ୟତଃ **ଘରୋଇ କାମ କରୁଥିବା କର୍ମଜୀବୀ, ଉଠାଦୋକାନୀ, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତକାରୀ କର୍ମୀ, ମାଲ ଲଦୁଥିବା ଶ୍ରମିକ, ଇଟାଭାଟି ଶ୍ରମିକ, ମୋଚି, ଜରି ଗୋଟାଳୀ, ଘରୋଇ ଶ୍ରମିକ, ଧୋବା, ରିକ୍ସାଚାଳକ, ହସ୍ତତନ୍ତ ଶ୍ରମିକ, ଚମଡ଼ା ଶ୍ରମିକ, ଅଡିଓଭିଜୁଆଲ ଶ୍ରମିକ** ଏବଂ ଏପରି ଅନେକ ପେସାରେ ରହୁଥିବା ଲୋକମାନେ ଯେଉଁମାନଙ୍କର ମାସିକ ଆୟ 15,000/- ଟଙ୍କାରୁ କମ କିମ୍ବା ସେମାନଙ୍କର ପ୍ରବେଶ ବୟସ ବର୍ଗ 18ରୁ 40 ବର୍ଷ ମଧ୍ୟରେ।

ପିଏମ-ଏସୱାଇଏମର ଲାଭଗୁଡ଼ିକ ହେଲା:

**(i) ସର୍ବନିମ୍ନ ସୁନିଶ୍ଚିତ ପେନସନ:** ପିଏମ-ଏସୱାଇଏମର ପ୍ରତ୍ୟେକ ଉପଭୋକ୍ତା 60 ବର୍ଷ ବୟସରେ ଉପନୀତ ହେବା ପରେ ମାସିକ 3000/-ଟଙ୍କାର ସୁନିଶ୍ଚିତ ପେନସନ ପାଇପାରିବେ।

**(ii) ପରିବାର ପେନସନ:** ପେନସନ ପାଇବା ସମୟରେ, ଯଦି ଉପଭୋକ୍ତାଙ୍କର ମୃତ୍ୟୁ ଘଟେ ତା'ହେଲେ ହିତାଧିକାରୀଙ୍କ ଜୀବନସାଥୀ ପାରିବାରିକ ପେନସନ ଆକାରରେ 50% ପେନସନ ରାଶି ପାଇପାରିବେ। ପାରିବାରିକ ପେନସନ କେବଳ ଜୀବନସାଥୀଙ୍କୁ ମିଳିବ।

**(iii) ପ୍ରସ୍ଥାନ ଏବଂ ପ୍ରତ୍ୟାହାର:** ଯଦି ନିୟମିତ ଯୋଗଦାନ କରୁଥିବା ଜଣେ ହିତାଧିକାରୀ କୌଣସି କାରଣରୁ ମୃତ୍ୟୁବରଣ କରନ୍ତି (60 ବର୍ଷ ବୟସ ପୂର୍ବରୁ), ତାଙ୍କର ଜୀବନସାଥୀ ଏଥିରେ ଯୋଗ ଦେବା ଲାଗି ହକଦାର ଏବଂ ନିୟମିତ ଯୋଗଦାନ ଜରିଆରେ ଯୋଜନାକୁ ଜାରି ରଖିପାରିବେ କିମ୍ବା ପ୍ରସ୍ଥାନ ଏବଂ ପ୍ରତ୍ୟାହାର ବ୍ୟବସ୍ଥା ଅନୁଯାୟୀ ଯୋଜନାକୁ ଛାଡ଼ିପାରିବେ।

ପିଏମ-ଏସ ୱାଇ ଏମ ହେଉଛି 50:50 ଆଧାରିତ ଏକ ଯୋଗଦାନଭିତ୍ତିକ ପେନସନ ଯୋଜନା ଯେଉଁଥିରେ ନିର୍ଦ୍ଦିଷ୍ଟ ବୟସର ହିତାଧିକାରୀ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଜମା କରିଥାନ୍ତି ଏବଂ ସେହି ପରିମାଣର ଅର୍ଥ କେନ୍ଦ୍ର ସରକାର ଜମା କରିଥାନ୍ତି। ଉଦାହରଣ ସ୍ୱରୂପ ଯଦି ଜଣେ ହିତାଧିକାରୀ 29 ବର୍ଷ ବୟସ୍କ ହୋଇଥାନ୍ତି ତାଙ୍କୁ 60 ବର୍ଷ ହେବା ପର୍ଯ୍ୟନ୍ତ ସେ ମାସିକ 100 ଟଙ୍କାର ଯୋଗଦାନ ଦେବାର ଆବଶ୍ୟକତା ରହିଛି ଏବଂ ସମାନ ପରିମାଣର ଅର୍ଥ କେନ୍ଦ୍ର ସରକାର ଜମା କରିବେ।.

### ii) ପି.ଏମ.ଏଲ.ଭି.ଏମ.ୱାଇ (ପ୍ରଧାନମନ୍ତ୍ରୀ ଲଘୁ ବ୍ୟାପାରୀ ମାନ-ଧନ ଯୋଜନା)

**ଖୁଚୁରା ବେପାରୀ ଓ ବ୍ୟବସାୟୀ (ସ୍ୱାବଲମ୍ବୀ କର୍ମଜୀବୀ)**ଙ୍କ ପାଇଁ ପ୍ରାପ୍ତ ବୟସ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହା ହେଉଛି ଏକ ପେନସନ ଯୋଜନା।

ସମସ୍ତ ଦୋକାନୀ ଏବଂ ସ୍ୱାବଲମ୍ବୀ ବ୍ୟକ୍ତିବିଶେଷ, ଏଥିସହିତ 1.5 କୋଟି ଟଙ୍କାରୁ କମ ଜିଏସଟି କାରବାର ଥିବା ଖୁଚୁରା ବ୍ୟବସାୟୀ ଏବଂ ଯେଉଁମାନଙ୍କର ବୟସ 18-40 ବର୍ଷ ମଧ୍ୟରେ, ସେମାନେ ଏହି ଯୋଜନା ଅନ୍ତର୍ଗତ ପଞ୍ଜୀକରଣ କରିପାରିବେ। ଏହି ଯୋଜନା ଅନ୍ତର୍ଗତ, 50% ମାସିକ ଯୋଗଦାନ ହିତାଧିକାରୀ ପଇଠ କରିବେ ଏବଂ ସମାନ ପରିମାଣର ଅର୍ଥ କେନ୍ଦ୍ର ସରକାର ପଇଠ କରିବେ। ଉପଭୋକ୍ତା, 60 ବର୍ଷ ବୟସରେ ଉପନୀତ ହେବା ପରେ ମାସିକ 3000/- ଟଙ୍କାର ପେନସନ ପାଇପାରିବେ।

### iii) ପ୍ରଧାନମନ୍ତ୍ରୀ ମାନ ଧନ ଯୋଜନା (ପି.ଏମ.କେ.ଏମ.ଡି.ୱାଇ)

ଏହି ପେନସନ ଯୋଜନା ଜମି ଥିବା ଦେଶର ସମସ୍ତ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ (ଏସଏମଏଫ)ମାନଙ୍କ ପାଇଁ ବୃଦ୍ଧାବସ୍ଥାରେ ସୁନିଶ୍ଚିତ ପେନସନ ସୁରକ୍ଷା ପ୍ରଦାନ କରିଥାଏ। 60 ବର୍ଷ ବୟସ ଅତିକ୍ରମ କରିବା ପରେ ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ (ଏସଏମଏଫ)ମାନଙ୍କୁ ଏହି ଯୋଜନାରେ ସର୍ବନିମ୍ନ 3000/- ଟଙ୍କାର ପେନସନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି।

## ଅନ୍ୟ ପେନସନ ଯୋଜନାଗୁଡ଼ିକ

ଭାରତରେ ସରକାରୀ ପ୍ରୋତ୍ସାହିତ ପେନସନ ଯୋଜନା ବ୍ୟତୀତ କେତେକ ରାଷ୍ଟ୍ରାୟତ୍ତ କ୍ଷେତ୍ର ଏବଂ ଘରୋଇ କ୍ଷେତ୍ରର ସଂସ୍ଥାଗୁଡ଼ିକ ପକ୍ଷରୁ ପେନସନ ଯୋଜନା ମଧ୍ୟ ଯୋଗାଇ ଦିଆଯାଇଥାଏ। ଏହି ପେନସନ ଯୋଜନାଗୁଡ଼ିକ ଅବସର ଯୋଜନା ସହିତ, ନିବେଶ ସୁଯୋଗ ଏବଂ ଅନ୍ୟ ଅତିରିକ୍ତ ଲାଭ ପ୍ରଦାନ କରିଥାନ୍ତି। ନିମ୍ନରେ ଏପରି କେତେକ ପେନସନ ଯୋଜନା ଦିଆଗଲା:

i) ୟୁଏଲଆଇପି **(ୟୁନିଟ୍ ଲିଙ୍କଡ୍ ଇନସ୍ୟୁରାନ୍ସ ପ୍ଲାନ୍) ଭଳି ଜୀବନ ବୀମା ସୁରକ୍ଷା ଥିବା ପେନସନ ଯୋଜନା** ଜୀବନ ବୀମା ସହିତ ମିଶ୍ରିତ ଭାବେ ପେନସନ ସୁବିଧା ଦେଇଥାଏ।

ii) **ପେନସନ ପାଣ୍ଠି ଆଧାରିତ ହାଇବ୍ରିଡ୍ ମ୍ୟୁଚୁଆଲ ଫଣ୍ଡ**

iii) **ତୁରନ୍ତ ବାର୍ଷିକ ଯୋଜନା** ରେ ବାର୍ଷିକ ପାଣ୍ଠିରେ ଆବଶ୍ୟକ ପରିମାଣର ଅର୍ଥ ଜମା କରିବାର ତୁରନ୍ତ ପରେ ଜୀବନବ୍ୟାପୀ ଏକ ନିର୍ଦ୍ଧାରିତ ପରିମାଣର ବାର୍ଷିକ ଆର୍ଥିକ ପୈଠ ଲାଭ ମିଳିଥାଏ।

**ମଡ୍ୟୁଲ୍ 7**

# ଉପଭୋକ୍ତା ସୁରକ୍ଷା ଏବଂ ଅଭିଯୋଗ ପ୍ରଶମନ

## ପୁଞ୍ଜି ଯୋଜନା, ଏହା କିପରି କାର୍ଯ୍ୟ କରିଥାଏ.




### ସାର୍ବଜନୀନ ବିପଣନ ଠକେଇ

ଆପଣ ଏକ ଠକ ଇମେଲ୍ ଗ୍ରହଣ କରନ୍ତି ଯାହା ଏକ ବୈଧ କମ୍ପାନୀରୁ ଆସିଥିବା ପରି ମନେହୁଏ । ଏହା ଆପଣଙ୍କୁ ଏକ ଲିଙ୍କ୍ରେ କ୍ଲିକ୍ କରିବାକୁ କୁହେ ଯାହା ଆପଣଙ୍କୁ ଏକ ଜାଲ୍ ୱେବ୍ସାଇଟ୍କୁ ନେଇଯାଏ । ସୁରକ୍ଷିତ ରହିବା ପାଇଁ ଆପଣ କମ୍ପାନୀର ଅସ୍ତିତ୍ୱ ସମ୍ପର୍କରେ ପୁଷ୍ଟି ନ କରିପାରିବା ପର୍ଯ୍ୟନ୍ତ କେବେହେଲେ ଫୋନ୍ ଦ୍ୱାରା ନିବେଶ, ଦାନ କିମ୍ବା କ୍ରୟ କରନ୍ତୁ ନାହିଁ ।




### ନିବେଶ ଠକେଇ

କେହି ଜଣେ ଆପଣଙ୍କୁ ଏକ ବ୍ୟବସାୟରେ ନିବେଶ କରିବା ପାଇଁ କିମ୍ବା ବିକ୍ରୟ କରିବା ପାଇଁ ସାମଗ୍ରୀ କିଣିବା ନିମନ୍ତେ ନିଯୁକ୍ତି ଦିଅନ୍ତି । ଆପଣଙ୍କୁ ନୂତନ ସଦସ୍ୟମାନଙ୍କୁ ନିଯୁକ୍ତ କରିବାର ଆଶା କରାଯାଏ । କିଛି ସମୟ ପରେ ନୂଆ ଲୋକମାନେ ଯୋଗ ଦେବା ବନ୍ଦ କରନ୍ତି । ଏହା ହୁଏ ଯେତେବେଳେ ପ୍ରୋତ୍ସାହକମାନେ ହଜିଯାଆନ୍ତି, ସେମାନଙ୍କ ସହ ଆପଣଙ୍କର ଅର୍ଥ ନେଇଯାଆନ୍ତି ।




### ଲଟେରୀ ଦୁର୍ନୀତି

"ଶୁଭେଚ୍ଛା! ଆପଣ ଲଟେରୀ/ ସୁଇପ୍ଷ୍ଟେକ୍ / ବଡ଼ ପୁରସ୍କାର ଜିତିଛନ୍ତି ! ଆପଣଙ୍କୁ କେବଳ ଆପଣଙ୍କ ପୁରସ୍କାର ଦାବି କରିବାକୁ ହେବ । ଏକ କ୍ଷୁଦ୍ର ଦେୟ କିମ୍ବା ଟିକସ ଦେୟ ପଠାନ୍ତୁ ।" ବୈଧ ପ୍ରତିଯୋଗିତାଗୁଡ଼ିକ କେବେହେଲେ ଆପଣଙ୍କ ପୁରସ୍କାର ଗ୍ରହଣ କରିବା ପାଇଁ ଆପଣଙ୍କଠାରୁ ଦେୟ ଦାବି କରନ୍ତି ନାହିଁ ।




### କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଠକେଇ

କ୍ରେଡିଟ୍ କାର୍ଡ ଏବଂ ଡେବିଟ୍ କାର୍ଡ ଠକେଇ ସେତେବେଳେ ହୋଇଥାଏ ଯେତେବେଳେ କେହି ଜଣେ ଆପଣଙ୍କ ଅନୁମତି ବିନା ଆପଣଙ୍କ କାର୍ଡ, କାର୍ଡର ସୂଚନା କିମ୍ବା ପର୍ସନାଲ୍ ଆଇଡେଣ୍ଟିଫିକେସନ୍ ନମ୍ବର (ପିନ୍) ବ୍ୟବହାର କରନ୍ତି । କେବେହେଲେ ଆପଣଙ୍କ ପିନ୍ କାହାକୁ ଜଣାନ୍ତୁ ନାହିଁ ।




### ଆତ୍ମୀୟତା ଠକେଇ

ଠକମାନେ ଆପଣଙ୍କ ବିଶ୍ୱାସ ସହଜରେ ଜିତି ପାରନ୍ତି ଯଦି ଆପଣ ସମାନ ସ୍ୱାର୍ଥ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗୋଷ୍ଠୀର ଅଂଶ ହୋଇଥା'ନ୍ତି, ଯେମିତିକ ଏକ ଧାର୍ମିକ କିମ୍ବା ସାମାଜିକ ସଂଗଠନ । ଧୋକାବାଜ୍ମାନେ ଏହି ପ୍ରସଙ୍ଗକୁ ଗୁପ୍ତ ରଖିବା ପାଇଁ ନିବେଶକମାନଙ୍କୁ କହିପାରନ୍ତି ।

ଆର୍ଥିକ ଠକେଇ ଏବଂ ସ୍କାମ ବର୍ତ୍ତମାନ ଦୁନିଆରେ ଏକ ବର୍ଦ୍ଧିତ ସମସ୍ୟା। ବେଆଇନ ଯୋଜନାରେ ଟଙ୍କା ନିବେଶ କରିବା ପରେ ଲୋକମାନେ ସେମାନଙ୍କର ସବୁତକ ଜମାପୁଞ୍ଜି ହରାଉଥିବାର ନୂଆ ନୂଆ କାହାଣୀ ଆମେ ପ୍ରତିବର୍ଷ ଶୁଣିଥାଉ। ହେଲେ ଏପରି ଯୋଜନାର ଜାଲରେ ପଡ଼ିବା ଠାରୁ ଏହା ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରେ ନାହିଁ। କାରଣ ହେଉଛି ଅପରାଧୀମାନେ ଅଭିନବ ତରିକା ଅପଣାଇଥାନ୍ତି ଏବଂ ନୂଆ ଶିକାର ପାଇଁ ସେମାନଙ୍କ ଯୋଜନାକୁ ନିୟମିତ ବଦଳାଇଥାନ୍ତି। ଏସବୁ ବିପଦ ପ୍ରତି ସତର୍କ ରହିବା ଫଳରେ ଆପଣ ନିଜ ଟଙ୍କାକୁ ସୁରକ୍ଷିତ ରଖିପାରିବେ। ଏପରି ଠକାମିର ଶିକାର ହୋଇଥିବା କାହାକୁ ଆପଣ ଜାଣନ୍ତି କି?


ନିଜକୁ ଠକାମି କିମ୍ବା ସ୍କାମ୍ରୁ ସୁରକ୍ଷିତ ରଖିବାର ପ୍ରଥମ ପଦକ୍ଷେପ ହେଉଛି ଏହା କ'ଣ ଜାଣିବା ଏବଂ ବିଭିନ୍ନ ପ୍ରକାରର ଠକାମି ଓ ସ୍କାମ୍କୁ ଆଗୁଆ ଜାଣିବା।.

## ଅଭିଯୋଗ ପ୍ରଶମନ- ବ୍ୟାଙ୍କିଂ, ନିବେଶ, ବୀମା ଓ ପେନ୍ସନ୍

ନିଜକୁ ଠକାମି କିମ୍ବା ସ୍କାମ୍ରୁ ସୁରକ୍ଷିତ ରଖିବାର ପ୍ରଥମ ପଦକ୍ଷେପ ହେଉଛି ଏହା କ'ଣ ଜାଣିବା ଏବଂ ବିଭିନ୍ନ ପ୍ରକାରର ଠକାମି ଓ ସ୍କାମ୍କୁ ଆଗୁଆ ଜାଣିବା।.




## ବ୍ୟାଙ୍କିଙ୍ଗ୍- ଆର୍.ବି.ଆଇ





**ସି.ଏମ.ଏସ: ଅଭିଯୋଗ ପରିଚାଳନା ବ୍ୟବସ୍ଥା**

## ନିବେଶ – ସେବି





**ସୋର୍ସ: ସେବି ଅଭିଯୋଗ ପ୍ରଶମନ ବ୍ୟବସ୍ଥା**

## ବୀମା-ଆଇ.ଆର.ଡି.ଏ.ଆଇ




## ଆଇ.ଜି.ଏମ୍.ଏସ୍: ଏକୀକୃତ ଅଭିଯୋଗ ପରିଚାଳନା ବ୍ୟବସ୍ଥା

### ନ୍ୟସନ୍



# ଟିପ୍ପଣୀଗୁଡ଼ିକ

# ଟିପ୍ପଣୀଗୁଡ଼ିକ

.

## ଏନସିଏଫଇ-ଆର୍‌ଥିକ ସାକ୍‌ଷରତା ଫ୍‌ଲାଗଶିପ୍ କାର୍‌ୟ୍‌କ୍‌ରମ

ଆର୍ଥିକ ସାକ୍ଷରତା ସଂକ୍ରାନ୍ତରେ ଆମର କାର୍ଯ୍ୟକ୍ରମ ବିଭିନ୍ନ ବୟସ ବର୍ଗର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସମାଜର ସମସ୍ତ ବର୍ଗଙ୍କ ନିକଟରେ ପହଞ୍ଚିଥାଏ।

ବିଦ୍ୟାଳୟ ସ୍ତରରେ ବିଦ୍ୟାଳୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ –ଏଫ.ଇ.ଟି.ପି. ଏବଂ ଏମ.ଏସ.ଏସ.ପି.
ଯୁବକମାନଙ୍କ ପାଇଁ, ମହାବିଦ୍ୟାଳୟ ସ୍ତରରେ –ଏଫ.ଏ.ସି.ଟି.
ଆମ ସମାଜର ପ୍ରାପ୍ତ ବୟସ୍କଙ୍କ ପାଇଁ, ବିଶେଷ କରି ଗ୍ରାମାଞ୍ଚଳ କ୍ଷେତ୍ରରେ-ଏଫ.ଇ.ପି.ଏ

**ଆର୍ଥିକ ସାକ୍ଷରତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ଏଫ.ଇ.ଟି.ପି)**
ଦେଶରେ ଆର୍ଥିକ ସାକ୍ଷରତାରେ ସୁଧାର ଆଣିବା ଲାଗି ଲୋକମାନଙ୍କୁ ଏବଂ ସଂଗଠନଗୁଡ଼ିକୁ ନିରପେକ୍ଷ ବ୍ୟକ୍ତିଗତ ଆର୍ଥିକ ଶିକ୍ଷା ପ୍ରଦାନ କରିବା ପାଇଁ ଏଫଇଟିପି ହେଉଛି ଏନସିଏଫଇର ଏକ ପ୍ରୟାସ। ସାରା ଦେଶରେ ବିଦ୍ୟାଳୟ ଶିକ୍ଷକ, ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏନ.ସି.ଏଫ.ଇ. ପକ୍ଷରୁ ଏଫ.ଇ.ଟି.ପି. ଆୟୋଜନ କରାଯାଉଛି। ପ୍ରଶିକ୍ଷଣ ସମାପ୍ତ ହେବା ପରେ, ଏହି ଶିକ୍ଷକମାନଙ୍କୁ **"ମନି ସ୍ମାର୍ଟ ଟିଚର୍ସ"** ଭାବେ ପ୍ରମାଣପତ୍ର ଦିଆଯିବ। ସେମାନେ ବିଦ୍ୟାଳୟରେ ଆର୍ଥିକ ଶିକ୍ଷା ପ୍ରଦାନ କରିବେ ଓ ଛାତ୍ରଛାତ୍ରୀଙ୍କୁ ମୌଳିକ ଆର୍ଥିକ କୌଶଳ ଶିକ୍ଷା ଲାଭ ପାଇଁ ଉତ୍ସାହିତ କରିବେ।

ଆମର ୱେବସାଇଟ୍ (https://www.ncfe.org.in/program/fetp)ରେ ଦିଆଯାଇଥିବା ଲିଙ୍କରେ ପଞ୍ଜୀକରଣ ଜରିଆରେ ସେମାନଙ୍କ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଏଫ.ଇ.ଟି.ପି. ସୁବିଧା ପ୍ରଦାନ କରିବା ଲାଗି ଏନସିଏଫଇ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ଆହ୍ୱାନ କରାଯାଉଛି।

**ମନି ସ୍ମାର୍ଟ ସ୍କୁଲ କାର୍ଯ୍ୟକ୍ରମ (ଏମ ଏସ ଏସ ପି )**
ଆର୍ଥିକ ସାକ୍ଷରତାରେ ସୁଧାର ଆଣିବା ଲାଗି ବିଦ୍ୟାଳୟଗୁଡ଼ିକରେ ନିରପେକ୍ଷ ଆର୍ଥିକ ଶିକ୍ଷା ପ୍ରଦାନ କରିବା ଲାଗି ଏମ୍‌ଏସ୍‌ଏସ୍‌ପି ହେଉଛି ଏନ୍.ସି.ଏଫ୍.ଇର ଏକ ପ୍ରୟାସ, ଯାହାକି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଚଳିତ ପାଠ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ସ୍ୱେଚ୍ଛାକୃତ ଭାବେ ଆର୍ଥିକ ସାକ୍ଷରତା ପ୍ରଚଳନ କରିବା ପାଇଁ ବିଦ୍ୟାଳୟଗୁଡ଼ିକୁ ଏନ୍.ସି.ଏଫ୍.ଇ ପକ୍ଷରୁ ଆମନ୍ତ୍ରଣ କରାଯାଉଛି। ଏନ୍.ସି.ଏଫ୍.ଇ ଏବଂ ସିବିଏସ୍‌ଇ ପକ୍ଷରୁ ମିଳିତ ଭାବେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିସ୍ତୃତ ପାଠ୍ୟ ଉପକରଣ ବିକଶିତ କରାଯାଇଛି।
ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଥିବା ବିଦ୍ୟାଳୟଗୁଡ଼ିକ ଏହାକୁ ସଫଳତା ପୂର୍ବକ ସମ୍ପୂର୍ଣ୍ଣ କରିବା ପରେ ସେଗୁଡ଼ିକୁ "ମନି ସ୍ମାର୍ଟ ସ୍କୁଲ" ଭାବେ ପ୍ରମାଣପତ୍ର ଦିଆଯିବ ଏବଂ ସିଲ୍ଡ/ଟ୍ରଫି ଓ ଇ-ବ୍ୟାଜ୍ ଯୋଗାଇ ଦିଆଯିବ।

ଆମର ୱେବସାଇଟ୍ (https://www.ncfe.org.in/program/mssp) ରେ ଏମ୍‌ଏସ୍‌ଏସ୍‌ପି କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ ନିମନ୍ତେ ଏନ୍‌ସିଏଫଇ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ଆମନ୍ତ୍ରଣ କରାଯାଉଛି।

**ଆର୍ଥିକ ସଚେତନତା ଏବଂ ଉପଭୋକ୍ତା ପ୍ରଶିକ୍ଷଣ (ଏଫ.ଏ.ସି.ଟି.)**
ଏଫ.ଏ.ସି.ଟି. ହେଉଛି ଯୁବ ସ୍ନାତକ ଏବଂ ସ୍ନାତକୋତ୍ତରମାନଙ୍କ ପାଇଁ ଏନ.ସି.ଏଫ.ଇ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ, ଯାହାକି ସେମାନଙ୍କ ପାଇଁ ପ୍ରାସଙ୍ଗିକ ବିଷୟ ଉପରେ ଉଦ୍ଦିଷ୍ଟ ଏବଂ ଏହା ସେମାନଙ୍କର ଆର୍ଥିକ କଲ୍ୟାଣ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଯୁବକମାନଙ୍କୁ ଆର୍ଥିକ ଉପଭୋକ୍ତା ଭାବେ ସେମାନଙ୍କର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରିବା, ଆର୍ଥିକ ଲକ୍ଷ୍ୟ ନିର୍ଦ୍ଧାରଣରେ ସହାୟତା କରିବା ଏବଂ ଆବଶ୍ୟକତା ସମୟରେ କେଉଁ ସ୍ଥାନକୁ ଯିବାକୁ ହେବ ସେଥିରେ ସେମାନଙ୍କୁ ସହାୟତା କରିବା।

ଆମର ୱେବସାଇଟ୍ (https://www.ncfe.org.in/program/mssp) ରେ ଦିଆଯାଇଥିବା ଲିଙ୍କରେ ପଞ୍ଜୀକରଣ କରି ସେମାନଙ୍କ ଛାତ୍ରଛାତ୍ରୀଙ୍କୁ ଏଫଏସିଟି ସୁବିଧା ଯୋଗାଇ ଦେବା ନିମନ୍ତେ ଏନ.ସି.ଏଫ.ଇ. ପକ୍ଷରୁ ସ୍ନାତକ ଓ ସ୍ନାତୋକୋତ୍ତର ମହାବିଦ୍ୟାଳୟଗୁଡ଼ିକୁ ଆମନ୍ତ୍ରଣ କରାଯାଇଥାଏ।

**ପ୍ରାପ୍ତ ବୟସ୍କଙ୍କ ପାଇଁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ (ଏଫ.ଇ.ପି.ଏ)**
ପ୍ରାପ୍ତ ବୟସ୍କଙ୍କ ପାଇଁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ (ଏଫ.ଇ.ପି.ଏ.) ହେଉଛି ଭାରତର ପ୍ରାପ୍ତବୟସ୍କ ଜନସଂଖ୍ୟା ମଧ୍ୟରେ ଆର୍ଥିକ ସଚେତନତାର ପ୍ରସାର ପାଇଁ ଏନ.ସି.ଏଫ.ଇ. ପକ୍ଷରୁ ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରାଯାଉଥିବା ଏକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଚିହ୍ନଟ କରାଯାଇଥାଏ। ଏହି କାର୍ଯ୍ୟକ୍ରମ କର୍ମଶାଳା ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ନିଜସ୍ୱ ଆର୍ଥିକ କାରବାର ସର୍ବୋତ୍କୃଷ୍ଟ ଢଙ୍ଗରେ କରିବା ଲାଗି ସହାୟକ ହୋଇଥାଏ। ଆହୁରି ମଧ୍ୟ, ଏହି କର୍ମଶାଳା ବ୍ୟାଙ୍କିଂ, ନିବେଶ, ବୀମା ଏବଂ ଅବସର ଯୋଜନା ସଂକ୍ରାନ୍ତ ଆର୍ଥିକ ଉତ୍ପାଦ ସ ସେବା ସମ୍ପର୍କରେ ମୌଳିକ ଜ୍ଞାନ ପ୍ରଦାନ କରିଥାଏ।

ଏଫଇପିଏ ସଂକ୍ରାନ୍ତରେ ଅଧିକ ସୂଚନା ପାଇଁ ଦୟାକରି [https://www.ncfe.org.in/program/fepa] ଲିଙ୍କ ଦେଖନ୍ତୁ।

# राष्ट्रीय वित्तीय शिक्षा केन्द्र
# National Centre for Financial Education
एक आर्थिक रुप से जागरुक और सशक्त भारत
A financially aware and empowered India

Promoted By :

## ଏନ୍ସିଏଫ୍ଇ- ବିତ୍ତୀୟ ଶିକ୍ଷା ଅଗ୍ରଣୀ କାର୍ଯ୍ୟକ୍ରମ



MSSP



FETP



FACT



FEPA


ଆମକୁ ଯୋଗାଯୋଗ କରନ୍ତୁ:

୦୨୨-୬୮୨୬୫୧୧୫/୧୧୪/୧୦୬

ଜାତୀୟ ବିତ୍ତୀୟ ଶିକ୍ଷା କେନ୍ଦ୍ର

୬ଷ୍ଠ ମହଲା, ଏନ୍ଆଇଏସ୍ଏମ୍ ଭବନ, ପ୍ଲଟ୍ ନମ୍ବର ୮୨,

ସେକ୍ଟର- ୧୭, ବାଶି, ନାଭି ମୁମ୍ବାଇ- ୪୦୦୭୦୩

www.ncfe.org.in info@ncfe.org.in youtube.com/ncfeindia

twitter.com/ncfeindia facebook.com/ncfeindia instagram.com/ncfeindia